## ସଂକ୍ଷେପରେ

### ପଥର ଖାଦାନରେ ଆନ୍ଦୋଳନକାରୀଙ୍କୁ ଆକ୍ରମଣ

ଯାଜପୁର,୧୬।୩(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ମୌଜା ନିକଟରେ ସୋମବାର କଳାପଥର ଖାଦାନ ବିରୋଧରେ ଆନ୍ଦୋଳନ ଚଳାଇଥିବାବେଳେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହିମର୍ମରେ ଭୁବନପୁର ଗ୍ରାମର ସତୀଶ ବିଶ୍ୱାଳ ଓ ପାଇକରାପୁର ଗ୍ରାମର ନିରୁପମା ରାଉତ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସତୀଶ ଚାଷୀମାନଙ୍କ ସହିତ ଆଲୋଚନା କରୁଥିବାବେଳେ ତାଙ୍କୁ ଅତର୍କିତ ଭାବେ ପଥର, ଠେଙ୍ଗା, ବାଡ଼ି, ଶାବଳ ଧରି ଆକ୍ରମଣ କରିଥିଲେ। ଏପରିକି ସତୀଶଙ୍କ କାର ଓଡି ୦୪ପି ୭୩୧୭କୁ ଭାଙ୍ଗି ଦେଇଥିଲେ। ଏହାପରେ ସତୀଶଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ କଟକ ବଡ ଡାକ୍ତରଖାନାକୁ ରେଫର କରାଯାଇଥିବା ସୂଚନା ମିଳିଛି। ଏହି ଆକ୍ରମଣରେ କୂଳମଣି ପ୍ରଧାନ, କାର୍ତ୍ତିକ ସ୍ୱାଇଁ, ପ୍ରଦୀପ ମହାନ୍ତି, ପ୍ରମୋଦ କୁମାର ଖଟୁଆ, ଉଦ୍ଧବ ଚରଣ ରାଉତ, ନିରୁପମା ରାଉତ, ମାଧବାନନ୍ଦ ରାଉତ, କାର୍ତ୍ତିକ ଚରଣ ରାଉତ ପ୍ରମୁଖ ଆହତ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ଭଟଣା-ନୟାସିଙ୍ଗଡ଼ା ରାସ୍ତା କାମକୁ ବନ୍ଦ କଲେ ଗ୍ରାମବାସୀ

ନାଉଗାଁ,୧୬।୩ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଓଷକଣା ପଞ୍ଚାୟତର ଭଟଣା-ନୟାସିଙ୍ଗଡା ଗ୍ରାମକୁ ଏକ ସଂଯୋଗକାରୀ ରାସ୍ତା ହେଉଛି। ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ରାସ୍ତାଟି ବିପର୍ଯ୍ୟସ୍ତ ହୋଇ ପଡିବାରୁ ବିଭାଗ ପକ୍ଷରୁ ରାସ୍ତାର ମରାମତି କାମ ଆରମ୍ଭ କରାଯାଇଛି। କିନ୍ତୁ ରାସ୍ତା କାମ ନିମ୍ନମାନର ହେଉଥିବାରୁ ଏହାକୁ ପଞ୍ଚାୟତର ସମିତି ସଭ୍ୟ ବିରେନ୍ଦ୍ର ବିଶ୍ୱାଳ, ଗଣେଶ ମୁଦୁଲିଙ୍କ ସମେତ ଗ୍ରାମବାସୀ ରାସ୍ତା କାମକୁ ବନ୍ଦ କରିଥିଲେ। ଗ୍ରାମବାସୀଙ୍କ କହିବା ମୁତାବକ, ଠିକାଦାର ନିମ୍ନମାନର କାମ କରୁଛନ୍ତି। ଏପରିକି ରାସ୍ତାରେ ପିଚୁ ପକାଇବା ପରେ ହାତ ମାରିଲେ ଏହା ଉଠିଯାଇଛି। ଏପରିକି ରାସ୍ତା ମରାମତି ପରେ ଯାନ ବାହାନ ଏଥିରେ ଚଳାଚଳ କଲେ ଅବସ୍ଥା ଶୋଚନୀୟ ହୋଇପଡିବ। ଏହି ରାସ୍ତା ଉପରେ ୨ ଗ୍ରାମର ଜନସାଧାରଣ ନିର୍ଭର କରନ୍ତି। ତେଣୁ ରାସ୍ତା କାମ ଠିକ ଭାବେ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶସାନ ନିକଟରେ ଦାବି କରାଯାଇଛି। ସୂଚନାଯୋଗ୍ୟ, ଏହି ରାସ୍ତାର ମରାମତି କାମ ପାଇଁ ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ ରାସ୍ତା କାମ ପୁନର୍ବାର କରାଯିବ ବୋଲି ସେ କହିଛନ୍ତି।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଧର୍ମଶାଳା,୧୬।୩(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟ୍ ସୋର୍ସିଂ କର୍ମଚାରୀ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସେମାନେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ ବି ଉପଯୁକ୍ତ ଦରମା ପାଉନାହାନ୍ତି। ମାସରେ ୩୦ଦିନ କାର୍ଯ୍ୟ କରୁଥିଲେ ବି ୨୬ଦିନର ଦରମା ପାଉଛନ୍ତି। ସେହିପରି ଦୁଇ ତିନିମାସ ବିଳମ୍ବରେ ଦରମା ମିଳୁଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇ ପରିବାର ପ୍ରତିପୋଷଣ କରୁଛନ୍ତି। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି, ପ୍ରତିମାସରେ ଦରମା ଓ ୪ ଦିନ ଛୁଟି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ପ୍ରତିଦିନ ସକାଳ ୯ଟାରୁ



ଧାରଣାରେ ବସିଥିବା ଆଉଟ୍‌ସୋର୍ସିଂ କର୍ମଚାରୀ।

ପୂର୍ବାହ୍ନ ୧୧ଟା୩୦ ଯାଏ କାର୍ଯ୍ୟବନ୍ଦ ଧରଣା ଦେବେ ବୋଲି କର୍ମଚାରୀ ସୁଶାନ୍ତ ନାୟକ, ନାରଣ ମଳିକ, ସାବିତ୍ରୀ ବେହେରା ପ୍ରମୁଖ ସୂଚନା ଦେଇଛନ୍ତି। ଏହି ଧାରଣାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରର ଆଉଟ୍‌ସୋର୍ସିଂ କର୍ମଚାରୀ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ କର୍ମଚାରୀଙ୍କ ଆନ୍ଦୋଳନ ପ୍ରଭାବରେ ରୋଗୀ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧୀର କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ଆଉଟ୍ ସୋର୍ସିଂ କର୍ମଚାରୀ ଧାରଣା ଦେଇଥିଲେ। ସେମାନେ କାର୍ଯ୍ୟ ବନ୍ଦ କରି ଧାରଣାଦେବାରୁ ସ୍ୱାସ୍ଥ୍ୟସେବା କିଛିମାତ୍ରାରେ ପ୍ରଭାବିତ ହୋଇଛି।



ଯାଜପୁର ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପୁଣ୍ୟତୋୟା ବୈତରଣୀ ଆରତୀ କରାଯାଉଛି।

## ବୈତରଣୀ ଆରତୀ

ଯାଜପୁରଟାଉନ,୧୬।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସୋମବାର ପୁଣ୍ୟତୋୟା ବୈତରଣୀ ଆରତୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବୃନ୍ଦାବନ୍ଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ସପ୍ତମାତୃକା ମନ୍ଦିର ପାର୍ଶ୍ୱ ତଥା ଦଶାଶ୍ୱମେଧ ଘାଟ ନିକଟରେ ବୈତରଣୀ ଆରତୀ ଓ ପୂଜନ କାର୍ଯ୍ୟକ୍ରମ କରାଯାଇଛି। ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଶଙ୍କର ସାହୁ, ଧନଞ୍ଜୟ ପୃଷ୍ଟି, ରବିନାରାୟଣ ରାଉତ, ରଜତ କୁମାର ମିଶ୍ର, ଖଗେଶ୍ୱର ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ବାରୁଣୀ ସ୍ନାନ ପୂର୍ବରୁ ଘାଟକୁ ସଫେଇ କରାଯାଇଥିଲା।

# ଯୁଦ୍ଧରେ ଶାନ୍ତି ଫେରିବା ପାଇଁ ପ୍ରାର୍ଥନା

ଜେନାପୁର,୧୬।୩(ଅଶୋକ ଦାସ):

ମଧ୍ୟପ୍ରାଚ୍ୟର ଯୁଦ୍ଧ ଯୋଗୁ ବିଭିନ୍ନ ଦେଶରେ ଏହାର ପ୍ରଭାବ ପଡ଼ିଛି। ଏହିକ୍ରମରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଯାଜପୁର ସଚେତନ ନାଗରିକ ମଞ୍ଚ ଓ କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ଆନୁକୂଲ୍ୟରେ ଯୁଦ୍ଧରେ ଶାନ୍ତି ଫେରିବା ପାଇଁ ଜଗନ୍ନାଥଙ୍କ ଫଟୋଚିତ୍ର ରଖାଯାଇ ହୋମଯଜ୍ଞ କରାଯିବା ସହ ପ୍ରାର୍ଥନା କରାଯାଇଛି। ଯଜ୍ଞରେ କର୍ତ୍ତାଭାବେ କବାଟବନ୍ଧ ମେଡିକାଲ ଅଧିକାରୀ ଡା. ନିହାର ରଞ୍ଜନ କର ଆହୁତି ପ୍ରଦାନ କରିଥିଲେ। ପଣ୍ଡିତ ଦିଲୀପ କୁମାର ଶତପଥୀ ପୂଜାର୍ଚ୍ଚନା କରିଥିଲେ। ଯୁଦ୍ଧ ବନ୍ଦ କରି ଖୁବ୍‌ଶୀଘ୍ର ଶାନ୍ତି ଫେରାଇ ଆଣିବା ପାଇଁ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କଣ୍ଠଶିଳ୍ପୀ ବର୍ଷାରାଣୀ ପ୍ରଧାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ନାଗରିକ ମଞ୍ଚର ଆବାହକ ସରୋଜ ବେହେରା, ଜେନାପୁର ଥାନା ଅଧିକାରୀ ନିରୁପମା ଜେନା, ଅଧ୍ୟାପକ ମନୋଜ ଧୀର, ପଙ୍କଜ ମଲ୍ଲ, ଅଭିମନ୍ୟୁ ନାୟକ, ଗଗନ ମହାନ୍ତି, ପ୍ରଶାନ୍ତ ପଟ୍ଟନାୟକ, ବିଚିତ୍ରାନନ୍ଦ ମଲିକ, ଅଶୋକ ସିଂହଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ରହି ବକ୍ତବ୍ୟ ରଖିବା ସହ ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ।




କାର୍ଯ୍ୟକ୍ରମରେ ଯାଜପୁର ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତା।

# ଆର୍‌ଏସ୍‌ଏସ୍ ପକ୍ଷରୁ ସାମାଜିକ ସଦଭାବନା ବୈଠକ

ରସୁଲପୁର,୧୬।୩(ରଞ୍ଜିତ ରାଉତ):

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଯାଜପୁର ଜିଲା ଶ୍ରୀରାମପୁର ଖଣ୍ଡ ପକ୍ଷରୁ ସାମାଜିକ ସଦଭାବନା ବୈଠକ ରସୁଲପୁର ବ୍ଲକ୍ ଅଧୀନ ବଡ଼କଇଞ୍ଚ ପଞ୍ଚାୟତ ମଧୁବନ ହାଟସ୍ଥିତ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୪ମଣ୍ଡଳରୁ ୪୫ ସାମାଜିକ ନେତୃମଣ୍ଡଳୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସାମୂହିକ ଗୀତ, ଅତିଥି ପରିଚୟ ପ୍ରଦାନ, ସଦ୍‌ଭାବନାର ଲକ୍ଷ୍ୟ ଏବଂ ପଞ୍ଚ ପରିବର୍ତ୍ତନ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଖଣ୍ଡ ସଦଭାବନା ସଂଯୋଜକ ସଞ୍ଜୟ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସେବା ପ୍ରମୁଖ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ନିଜବକ୍ତବ୍ୟରେ ସମାଜରେ ଆମେ କିପରି ଜାତି ଆଧାରରେ କାମ ନ କରି କର୍ମ ଆଧାରରେ କାମ କରିବା ଏବଂ ପଞ୍ଚ ପରିବର୍ତ୍ତନ(ସାମାଜିକ ସଦଭାବନା, କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ, ସ୍ୱଦେଶୀ, ନାଗରିକ କର୍ତ୍ତବ୍ୟ)କୁ ନେଇ ନିଜ ଘରୁ କିପରି କାମ ଆରମ୍ଭ କରିବା ସେହି ବିଷୟରେ ଆଲୋକପାତ କରିଥିଲେ। ବୈଠକରେ ସଂଘର ସହ ଜିଲା କାର୍ଯ୍ୟବାହ ସନ୍ଦୀପ ବିଶ୍ୱାଳ, ସହ ଜିଲା ବୌଦ୍ଧିକ ପ୍ରମୁଖ ଅଜୟ ପୃଷ୍ଟି, ଖଣ୍ଡ କାର୍ଯ୍ୟବାହ ନିଗମାନନ୍ଦ ମିଶ୍ର, ଖଣ୍ଡ ବୌଦ୍ଧିକ ପ୍ରମୁଖ ସିଦ୍ଧାର୍ଥ ଶଙ୍କର ପଣ୍ଡା, ମଣ୍ଡଳ କାର୍ଯ୍ୟବାହ ପୂର୍ଣ୍ଣଚନ୍ଦ୍ର ସେଠୀ, ସୁବ୍ରତ ଦ୍ୱିବେଦୀ, ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ଯଶୋବନ୍ତ ଦାସ, ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଶରତ ସାହୁ, ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ନିରାକାର ଲେଙ୍କା, ଦିବ୍ୟଜ୍ୟୋତି ରାଉଳ, ତପନ ପଣ୍ଡା, ସନାତନ ନାୟକ, ରଞ୍ଜନ ଜେନା, ଶିଶୁ ମନ୍ଦିରର ଗୁରୁଜୀ ସଞ୍ଜୟ ମିଶ୍ର ଓ ଅମରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟବାହ ନିଗମାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।




ବୈଠକରେ ଯୋଗଦେଇଥିବା ଆର୍‌ଏସ୍‌ଏସ୍‌ର କର୍ମକର୍ତ୍ତା।

# ରାସ୍ତା ଉପରେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ଯାଜପୁରଟାଉନ,୧୬।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

- ବାଟରେ ଯାଉଥିବା ଯୁବକଙ୍କୁ ଧରି ଆକ୍ରମଣ
- ପୋଲିସ ଆସିବା ଦେଖି ପଳାଇଲେ

ଯାଜପୁର ସହରର ପ୍ରମୁଖ ରାସ୍ତା କୁହାଯାଉଥିବା ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ବିଦେଶୀ ମଦ ଦୋକାନ ରହିଛି। ଏହିଦୋକାନରୁ ସୋମବାର କେତେଜଣ ଯୁବକ ମଦ କିଣି ପିଇବା ପରେ ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ସେମାନେ ରାସ୍ତାରେ ଯାଉଥିବା ଜଣେ ଯୁବକଙ୍କୁ ଧରି ମାଡ଼ ମାରିବା ସହ କ୍ଷତାକ୍ତ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ଯୁବକ ଗରିଆପୁର ଅଞ୍ଚଳର। ସେ ସନ୍ଧ୍ୟାରେ ଏହି ରାସ୍ତା ଦେଇ ଯାଉଥିବା ସମୟରେ କେତେଜଣ ନିଶାଶକ୍ତ ଯୁବକ ଘେରିଯାଇ ତାକୁ ମାଡ଼ ମାରିଥିଲେ। ସଂପୃକ୍ତ ଯୁବକ ତୁରନ୍ତ ପୋଲିସ ହେଲ୍ପଲାଇନ ନମ୍ବର ୧୧୨କୁ ଫୋନ କରିଥିଲେ। ଫୋନ ପାଇବା କ୍ଷଣି ୧୧୨ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହାଦେଖି ନିଶାଶକ୍ତ ଯୁବକମାନେ ଫେରାର ହୋଇଯାଇଥିଲେ। ପୋଲିସ ସେମାନଙ୍କୁ କାବୁ କରିବା ପାଇଁ ଉଦ୍ୟମ ଚଳାଇଛି।

ଅନ୍ୟପକ୍ଷରେ ଏହି ଘଟଣା ଏବେ ନିତିଦିନିଆ ହୋଇଗଲାଣି। ଏହି ମଦ ଦୋକାନ ରାସ୍ତା ଦେଇ ଘରୋଇ ବସ୍ ଷ୍ଟାଣ୍ଡ ଭିତରକୁ ପ୍ରବେଶ କରିଥାଏ। ଅଧିକାଂଶ ସମୟରେ ରାସ୍ତା ଉପରେ ଲୋକେ ମଦ୍ୟପାନ କରୁଥିବାରୁ ବସ୍ ଦୀର୍ଘ ସମୟ ଧରି ଅଟକି ରହୁଥିବା ଦେଖିବାକୁ ମିଳିଛି। ଏନେଇ ଲୋକେ ବାରମ୍ବାର କହିବା ସତ୍ତ୍ୱେ ବିଦେଶୀ ମଦ ଦୋକାନୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏହି ଘଟଣାକୁ ନେଇ ପୋଲିସ ଏକାଧିକବାର ତାଗିଦ୍ କରିବା ସହ ଦୋକାନ ବନ୍ଦ କରିବାକୁ ମଧ୍ୟ ଧମକ ଦେଇଥିଲା। ତଥାପି ଏହି ଘଟଣା ଜାରିରହିଛି। ଏହା ପ୍ରମୁଖ ରାସ୍ତା ହୋଇଥିବାରୁ ରାସ୍ତା ଦେଇ ଲୋକେ ପରିବା ମାର୍କେଟ୍ ଓ ବଜାରକୁ ଯିବା ଆସିବା କରିଥାନ୍ତି। ମାତ୍ର ମଦ୍ୟପଙ୍କ ଉନ୍ମୁକ୍ତ କାଣ୍ଡ ଯୋଗୁ ଏହି ରାସ୍ତା ଦେଇ କେହି ଯିବାକୁ ସୁରକ୍ଷିତ ମଣୁନାହାନ୍ତି।

ସଞ୍ଜ ନଇଁଲେ ଏହି ରାସ୍ତାଟି ମଦ୍ୟପଙ୍କ ଆଡ୍ଡା ସ୍ଥଳୀ ପାଲଟିଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ମଦ ଦୋକାନୀକୁ ଲାଗି ଶିବ ମନ୍ଦିର ରହିଛି। ଲୋକେ ମଦ କିଣି ଶିବ ମନ୍ଦିର ପରିସରରେ ମଦ୍ୟ ପାନ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ଗତ କିଛି ବର୍ଷ ତଳେ ଲୋକଙ୍କ ଅଭିଯୋଗକୁ ଦୃଷ୍ଟିରେ ରଖି ବିଧାନସଭା ଗୃହ କମିଟି ଏହି ସ୍ଥାନ ପରିଦର୍ଶନ କରିବା ସହ ମଦ ଦୋକାନକୁ ସ୍ଥାନାନ୍ତର କରିବା ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଜଣାଇଥିଲା। କିନ୍ତୁ ତାହା ମଧ୍ୟ କରାଯାଇ ନ ଥିଲା। ମନ୍ଦିର ପାଖରେ ମଦ ଦୋକାନ ରହିବ ନାହିଁ ବୋଲି ଏବେ ଅବକାରୀ ମନ୍ତ୍ରୀ ସ୍ପଷ୍ଟ ଭାବେ କହିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମଦ୍ୟପଙ୍କ ଉନ୍ମତ୍ତ କାଣ୍ଡ ଯୋଗୁ ବହୁ ମହିଳା ଭକ୍ତ ଶିବ ମନ୍ଦିରକୁ ଯିବା ପାଇଁ ସୁରକ୍ଷିତ ମଣୁନାହାନ୍ତି। ଏନେଇ କେତେଜଣ ବୁଦ୍ଧିଜୀବୀ ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ନାୟକଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏଥିସହିତ ଏପ୍ରକାର କାର୍ଯ୍ୟକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ ମଦ ଦୋକାନୀ ମାଲିକଙ୍କୁ ଚେତାବନୀ ଶୁଣାଇଥିଲେ। ଆଗାମୀ ଦିନରେ ମଦ ଦୋକାନୀ ସଚେତନ ନ ହେଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ମାହେଶ୍ୱରୀ କ୍ୟାମ୍ପ୍ ଡ୍ରେନ୍ ପାଣି ବନ୍ଦ ଦାବିରେ ଧାରଣା



ଗୁରୁଜଙ୍ଗ ଗାଁରେ ମାହେଶ୍ୱରୀ କ୍ୟାମ୍ପ ଡ୍ରେନ ପାଣି ପଶୁଛି।

କାଳିଆପାଣି,୧୬।୩(ଅସିତ ମହାନ୍ତ):

ସୁକିନ୍ଦା ବ୍ଲକ୍ ଅଧୀନ କାଳିଆପାଣି ପଞ୍ଚାୟତ ଗୁରୁଜଙ୍ଗ ଗାଁରେ ମାହେଶ୍ୱରୀ କ୍ୟାମ୍ପ ଡ୍ରେନ ପାଣି ପଶି ଦୁର୍ଗନ୍ଧ ସୃଷ୍ଟି କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ସୋମବାର ଗ୍ରାମର ରଞ୍ଜନ ମହାନ୍ତ, ବଳିଆ ମହାନ୍ତ, ରତ୍ନାକର କର ଜେନା, ନବ ବିନ୍ଧାଣି, ମୁନି ମହାକୁଡ଼, ଗୋଲାପ ଜେନା, ସୁମନ୍ତ କାରୁଆ ଓ ବିଜୟ ଜେନା ପ୍ରମୁଖ କ୍ୟାମ୍ପ ଆଗରେ ଧାରଣା ଦେଇ ସମସ୍ୟାର ସମାଧାନ ଦାବି କରିଛନ୍ତି।

ଇଣ୍ଡା ଖଣିର ଭୂତଳ ଖଣିରେ କାର୍ଯ୍ୟ କରୁଥିବା ମାହେଶ୍ୱରୀ ପ୍ରାଇଭେଟ ଲିମିଟେଡ କମ୍ପାନୀ ଗୁରୁଜଙ୍ଗ ଗାଁରେ ଏକ କ୍ୟାମ୍ପ କରିଛି। ଏହି କ୍ୟାମ୍ପରେ ଭୂତଳ ଖଣିର କର୍ମଚାରୀ ରହୁଛନ୍ତି। ସମ୍ପୃକ୍ତ କ୍ୟାମ୍ପରେ ଆବଶ୍ୟକଠାରୁ ଅଧିକ ଲୋକ ରହୁଥିବାବେଳେ ସେମାନେ ବ୍ୟବହାର କରୁଥିବା ପାଣି ଓ ମଇଳା ସମ୍ପୂର୍ଣ୍ଣ ଭାବେ ଗାଁ ଭିତରକୁ ଯାଉଛି। ଫଳରେ ଗାଁରେ ମଶାମାଛି ବଢ଼ିବାରେ ଲାଗିଛି। ଏଥିସହିତ ଡ୍ରେନ ପାଣି ଉତ୍କଟ ଦୁର୍ଗନ୍ଧ ହେଉଥିବାରୁ ସେହିରାସ୍ତା ଦେଇ ଗ୍ରାମବାସୀ ଚଳାଚଳ କରିପାରୁନାହାନ୍ତି। ବର୍ଷବର୍ଷ ଧରି କ୍ୟାମ୍ପର ମଇଳା ପାଣି ଗାଁ ଭିତରକୁ ଯାଉଥିବାବେଳେ ଏହାର ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ସରପଞ୍ଚ ବିକାଶ ପାତ୍ରଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ହେଲେ ଅଦ୍ୟାବଧି ସରପଞ୍ଚ କିଛି ପଦକ୍ଷେପ ନେଇନାହାନ୍ତି। ଅନ୍ୟପଟେ ମାହେଶ୍ୱରୀ କ୍ୟାମ୍ପରେ ରହୁଥିବା ଅଧିକାରୀଙ୍କୁ ଗ୍ରାମବାସୀ ବାରମ୍ବାର କହିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି। କମ୍ପାନୀର ଅଧିକାରୀ ଏହି ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି। ଆନ୍ଦୋଳନ ପରେ ଅଧିକାରୀମାନେ ୪ ଦିନ ଭିତରେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଗ୍ରାମର ବିଜୟ ଜେନା କହିଛନ୍ତି। ତେବେ ୪ଦିନ ଭିତରେ ପ୍ରତିଶ୍ରୁତି ପୂରଣ ନ କଲେ କ୍ୟାମ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ମାହେଶ୍ୱରୀ କମ୍ପାନୀର ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳି ପାରିନାହିଁ।

# ବାଲିପଡ଼ିଆ ଯୁବକ ସଂଘର ବାର୍ଷିକ ଉତ୍ସବ

## ୪୦ ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ପୁରସ୍କାର ବିତରଣ

ବାଲିଚନ୍ଦ୍ରପୁର,୧୬।୩(ଗିରିଜା ପ୍ରସାଦ ସାହୁ):



ବାଲିପଡ଼ିଆ ଯୁବକ ସଂଘର ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ନାଟକ ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଉଛି।

ବଡ଼ଚଣା ବ୍ଲକର ସ୍ୱାଧୀନତା ସଂଗ୍ରାମୀ ମାଟି ବାଲିପଡ଼ିଆଠାରେ ବାଲିପଡ଼ିଆ ଯୁବକ ସଂଘର ୫୩ତମ ବାର୍ଷିକ ଉତ୍ସବ ଓ ୪୦ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦିଲୀପ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବ ପ୍ରାରମ୍ଭରେ ସଂଘର ପ୍ରଥମ ସଭାପତି ବିଷ୍ଣୁଚରଣ ପ୍ରଧାନଙ୍କ ସ୍ମୃତିରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥିଭାବେ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ ସଂଘର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଜିଲାପାଳ ଅମ୍ବର କୁମାର କର ଯୋଗଦେଇ ଏ ଅଞ୍ଚଳର ଯୁବପିଢ଼ି କଳା ଓ ସଂସ୍କୃତିକୁ ବଜାୟ ରଖିଥିବାରୁ ସେ ବଧାଇ ଦେବା ସହ ସଂସ୍କୃତି ବିଭାଗ ସହ ଯୋଗାଯୋଗ କରି ଏ ଅନୁଷ୍ଠାନ କିପରି ଆଗକୁ ନିରବିଚ୍ଛନ୍ନ ଭାବେ ଚାଲୁରହିବ ସେଥିପାଇଁ ବ୍ୟକ୍ତିଗତ ଭାବେ ଚେଷ୍ଟା କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ବାଲିପଡ଼ିଆ ଗ୍ରାମର ଏକ ମାତ୍ର ଚୋପଦାରି ଖେଳପଡ଼ିଆ ଉନ୍ନତି ଓ ଦୁଇଟି ମନ୍ଦିର ଭୋଗ ମଣ୍ଡପ ପାଇଁ ସରକାରୀ ଅର୍ଥ ବ୍ୟବସ୍ଥା କରାଯାଇଛି, ଯାହାର କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ ଯୋଗଦେଇ ଜନସାଧାରଣଙ୍କୁ ନିଜକଳାର ଚାତୁରି ଦେଖାଇ ଭରପୁର ଆନନ୍ଦ ଦେଇଥିଲେ। ସଂଘ ପକ୍ଷରୁ ପୂର୍ବତନ କର୍ମକର୍ତ୍ତା ବିଜୟ ତ୍ରିପାଠୀ, ଅରକ୍ଷିତ ଦାଶ, ଧରଣୀଧର ପ୍ରଧାନ, ଚନ୍ଦ୍ରକାନ୍ତ ସାମଲ, ପରିକ୍ଷିତ ପୃଷ୍ଟି, ଗଣେଶ୍ୱର ପ୍ରଧାନ, ଗୋପିନାଥ ସାମଲଙ୍କ ସମେତ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ନାଟକ ପ୍ରତିଯୋଗିତାରେ ମା'ଲକ୍ଷ୍ମୀ ଡ୍ରାମାଟିକ କ୍ଲବ ତିଗିରିଆ ତା'ର ମଞ୍ଚସ୍ଥ ନାଟକ 'ମୃତ୍ୟୁ ଦଣ୍ଡ'ରେ ଶ୍ରେଷ୍ଠ ଦଳ ବିବେଚିତ ହୋଇଥିବାବେଳେ ବାବା ମଧୁକେଶ୍ୱର ନାଟ୍ୟ ପରିଷଦ କଣ୍ଟିଗଡ଼ିଆର 'ମୋ ହସରେ ତୁ ମୋ ଲୁହରେ ତୁ' ମଞ୍ଚସ୍ଥ କରି ଦ୍ୱିତୀୟ, ମା'ଭୁବନେଶ୍ୱରୀ କଳାମନ୍ଦିର କମ୍ପଗଡ଼ 'ଏମିତି କାହାଣୀ କେବେ ଶୁଣିନି' ମଞ୍ଚସ୍ଥ କରି ତୃତୀୟ ଦଳ ଭାବେ ବିବେଚିତ ହୋଇ ଅତିଥିଙ୍କଠାରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ବିଜେତା କପ ଓ ନଗଦ ଅର୍ଥରାଶି ଗ୍ରହଣ କରିଥିଲା। ଯୁବକ ସଂଘର ଉପସଭାପତି ବିରୁପାକ୍ଷ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ଅନିରୁଦ୍ଧ ପ୍ରଧାନ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ ପ୍ରମୁଖ ଯୋଗଦେଇ ସଂଘ ସମ୍ପର୍କରେ ନିଜର ମତପ୍ରକାଶ କରିଥିଲେ। ଦେବେନ୍ଦ୍ର ବେହୁରା, ହରପ୍ରସାଦ ସାମଲ, ଗଗନ ବିହାରୀ ସ୍ୱାଇଁ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ସୁଶିଲ ତ୍ରିପାଠୀ, ପ୍ରମୋଦ ପ୍ରଧାନ ଓ ଦେବବ୍ରତ ପୁହାଣ ପ୍ରମୁଖ ସହଯୋଗ କରିଥିଲେ। ଯୁବକ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ପୁଣି ମା' ଚୁଲିକୁ ଆପଣାଇବ

## କର୍ମନିଯୁକ୍ତି ପାଇଁ ଦାଦନ ଖଟିବାକୁ ମଧ୍ୟପ୍ରାଚ୍ୟ ଯାଇ ଫସିଛନ୍ତି ବହୁ ଲୋକ

ପଟ୍ଟାମୁଣ୍ଡାଇ, ୧୬।୩
(କଳ୍ପତରୁ ନାୟକ)

ସରକାରଙ୍କ ଆତ୍ମନିର୍ଭର ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କହୁଥିବା ବେଳେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି କମ୍ୟୁନିକେଶନ ବିଭାଗର ନିର୍ଦ୍ଦେଶକ ଗେରି ରାଇସ ମଧ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ । ହେଲେ ମଧ୍ୟପ୍ରାଚ୍ୟ ସଂଘର୍ଷ ସରକାରଙ୍କ ମୁଖା ଖୋଲି ଦେଇଛି। ଇରାନ-ଅମେରିକା ଯୁଦ୍ଧ ଦ୍ୱାରା ଏଲପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି । ଫଳରେ ଭାରତର ସାଧାରଣ ନାଗରିକଙ୍କ ଥାଳିର ଖାଦ୍ୟ ଉପରେ ପ୍ରଭାବ ପଡିଥିବା ବେଳେ ମଧ୍ୟପ୍ରାଚ୍ୟରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ଅନେକ ପ୍ରବାସୀ ଭାରତୀୟ ଫସି ରହିଛନ୍ତି। ସେଥିମଧ୍ୟରୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନେକ ଲୋକ କର୍ମନିଯୁକ୍ତି ପାଇଁ ଦାଦନ ଖଟିବାକୁ ଯାଇ ଫସି ରହିଛନ୍ତି। ସମ୍ପୃକ୍ତ ପରିବାରର ଲୋକେ ଗାଁରେ ସେମାନଙ୍କ ଫେରିବା ବାଟକୁ ଚାହିଁ ବସି ଆଖିର ଲୁହ ଗଡାଉଛନ୍ତି। ଅପରପକ୍ଷେ ଗ୍ୟାସ ନ ମିଳିବାରୁ ଅନେକ ପରିବାର ପୁଣି ହାଣ୍ଡିଶାଳରେ ଚୁଲିକୁ ଆପଣେଇଲେଣି । ଯଦି ଆମେ ଆମର ଆବଶ୍ୟକତା ପାଇଁ ହେଉ କି କର୍ମନିଯୁକ୍ତି ପାଇଁ ଅନ୍ୟ ଦେଶ ଉପରେ ଏତେ ମାତ୍ରାରେ ନିର୍ଭରଶୀଳ, ତେବେ ଆତ୍ମନିର୍ଭରଶୀଳ ଭାରତ କ'ଣ ଏକ ପ୍ରହସନ ନା ରଜନୈତିକ ଏଜଣ୍ଡା ନା ଜଣେ ଦକ୍ଷ ପ୍ରଶାସକଙ୍କ ଲକ୍ଷଣ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ସ୍ୱପ୍ନ ଉପରେ ସଙ୍କଟର କଳା ବାଦଲ



ଚୁଲି ଧୂଆଁରୁ ମୁକ୍ତି ଏବଂ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ୨୦୧୪ ପରଠାରୁ କେନ୍ଦ୍ର ସରକାର 'ଉଜ୍ଜ୍ୱଳା ଯୋଜନା' ଜରିଆରେ ଗରିବ ଶ୍ରେଣୀର ମହିଳାମାନଙ୍କ ପାଖରେ ଏଲପିଜି ସିଲିଣ୍ଡର ପହଞ୍ଚାଇଥିଲେ। କୋଟି କୋଟି ପରିବାର ଗ୍ୟାସକୁ ଆପଣାଇଲେ। ଘସି ଗୋବର ଗାଈ ଗୋରୁଙ୍କୁ ଛାଡି ଦେଲେ। ଛଣ କୁଟାକୁ ବିଲରେ ଜାଳି ଦେଲେ। କିନ୍ତୁ ଆଜି ସେହି ସ୍ୱପ୍ନ ଉପରେ ସଙ୍କଟର କଳା ବାଦଲ ଘାରିଛି। ବିଶ୍ୱରେ ଲାଗି ରହିଥିବା ଅଶାନ୍ତି ଓ ଗ୍ୟାସର ଅଭାବ ଏବଂ ଆକାଶଛୁଆଁ ଦର ଯୋଗୁ କେବଳ ଘର ନୁହେଁ, ବ୍ୟବସାୟିକ କ୍ଷେତ୍ର ମଧ ପ୍ରଭାବିତ ହେବା ଆରମ୍ଭ କଲାଣି। ପୁଣି ଗରିବ ମାଆଟିଏ ସେହି ଚୁଲିକୁ ଫେରିବାକୁ ବାଧ ହେଉଛି।

- ଅବନ୍ତି ବେହେରା, ମହିଳା ନେତ୍ରୀ

### ହଷ୍ଟେଲରେ ପିଲା ଡାଲମା ଭାତରେ ସନ୍ତୁଷ୍ଟ



ଗ୍ୟାସ ସଙ୍କଟ ପାଇଁ ଅନେକସ୍ଥାନରେ ଛୋଟ ଛୋଟ ହୋଟେଲ ଓ ରେଷ୍ଟୁରାଣ୍ଟ ବନ୍ଦ ହେବାକୁ ବସିଲାଣି। ବହୁ ହଷ୍ଟେଲରେ ପିଲାମାନେ କେବଳ ଡାଲମା ଭାତରେ ସନ୍ତୁଷ୍ଟ ହେଉଛନ୍ତି। ସରକାର ଯେତେବେଳେ ଦେଶବାସୀଙ୍କୁ ଗ୍ୟାସ ବ୍ୟବହାର କରିବାକୁ ପ୍ରବର୍ତ୍ତାଇଲେ, ସେତେବେଳେ ବିକଳ୍ପ ବ୍ୟବସ୍ଥା କାହିଁକି କଲେ ନାହିଁ। କାହିଁକି ଆମେ ସମ୍ପୂର୍ଣ୍ଣ ଭାବେ ବିଦେଶୀ ଗ୍ୟାସ ଉପରେ ନିର୍ଭର ରହିଲୁ। ଦେଶ ମଧରେ ଥିବା ପ୍ରାକୃତିକ ସମ୍ପଦର ଉପଯୁକ୍ତ ବିନିଯୋଗ କାହିଁକି ହେଲା ନାହିଁ। ସୌର ଶକ୍ତି ଅନ୍ୟ ନବୀକରଣ ଯୋଗ୍ୟ ଶକ୍ତିକୁ ରୋଷେଇ ଘର ପର୍ଯ୍ୟନ୍ତ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି।

- ବିଦୁ ଭୂଷଣ ମହାପାତ୍ର, ଆଇନଜୀବୀ

### ଅଣୁ, ମଧ୍ୟମ ଉଦ୍ୟୋଗ ପାଇଁ ସହଯୋଗ ମିଳୁନି



ଆତ୍ମନିର୍ଭର ଭାରତର ଅର୍ଥ ହେଉଛି ବିଦେଶୀ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରି, ସ୍ୱଦେଶୀ ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ସଶକ୍ତୀକରଣ ଏବଂ ସ୍ଥାନୀୟ ଶିଳ୍ପ ଉତ୍ପାଦନକୁ ପ୍ରୋତ୍ସାହିତ କରି ଭାରତକୁ ଏହାର ଆବଶ୍ୟକତା ପାଇଁ ଆତ୍ମନିର୍ଭରଶୀଳ କରିବା। ଏ ନେଇ ସରକାର ଏମ୍‌ଏସ୍‌ଏମ୍‌ଇ ଓ ପିଏମ୍‌ଇଜିପି ମାଧମରେ ବେକାର ଯୁବତୀଯୁବକଙ୍କୁ ସହେଯାଗ କରୁଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲା ଉଦ୍ୟୋଗ କ୍ଷେତ୍ରରେ ଅଗ୍ରଣୀ ହୋଇପାରିନାହିଁ। ଯେଉଁ ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଗ୍ରହୀ ଯୁବତୀଯୁବକ ଆବେଦନ କରୁଛନ୍ତି। ତାଙ୍କୁ ସବୁ କ୍ଷେତ୍ରରେ ଆର୍ଥିକ ସହାୟତା ମିଳୁନାହିଁ। ଫଳରେ ବେକାର ଯୁବତୀଯୁବକ କାତାର, ଇରାନ, ଇରାକ, ଆବୁଧାବୀ, ବେହେରାନ୍ ଆଦି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ଦାଦନ ଖଟୁଛନ୍ତି।

- ପ୍ରଫୁଲ୍ଲ ଦାଶ, ବୁଦ୍ଧୀଜୀବୀ

### ଆବଶ୍ୟକତା ପୂରଣ ପାଇଁ ଭାରତ ସଂଗ୍ରାମ ଜାରି ରଖିଛି



ଇତିହାସକୁ ଲକ୍ଷ୍ୟ କଲେ ଜାଣିପାରିବା ଯେ ଭାରତ ପ୍ରାଚୀନକାଳରୁ ନିଜର ଆବଶ୍ୟକତା ନିଜେ ପୂରଣ କରିଆସିଛି। ଅନ୍ୟ ଦେଶଗୁଡ଼ିକୁ ନାନାଦି ଦ୍ରବ୍ୟ ରପ୍ତାନି କରି ଭାରତୀୟ ଧନରତ୍ନରେ ଭରପୂର ହୋଇଥିଲେ। କିନ୍ତୁ ଗତ କିଛି ଶତାବ୍ଦୀ ବାହ୍ୟ ଶାସକମାନଙ୍କ ଦ୍ୱାରା ଶାସିତ ହୋଇ ଦେଶ ନିଜର କାର୍ଯ୍ୟଦକ୍ଷତା, ଆତ୍ମବିଶ୍ୱାସ ହରାଇଛି। ସ୍ୱାଧୀନତା ପରେ ନିଜର ଆବଶ୍ୟକତା ପୂରଣ ପାଇଁ ଲୋକେ ସଂଗ୍ରାମ ଜାରି ରଖିଛନ୍ତି। ହେଲେ ଏବେ ସୁଦ୍ଧା ଆମନିର୍ଭର ହୋଇପାରିନାହିଁ। ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭରଶୀଳ ବଢିଯାଇଛି। ଦେଶର ଜନତା ଆବଶ୍ୟକତା ପୂରଣ କରିବା ଦିଗରେ ବହୁ ପଛରେ ଅଛନ୍ତି। ଏ ନେଇ ନିୟୋଜିତ ସରକାରୀ ବାବୁମାନେ ଦାୟୀ।

- ପ୍ରବୀର ନାୟକ, ସାମାଜିକ କର୍ମୀ

## ଶ୍ରୀରାମନବମୀ ଯାତ୍ରା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯାତ୍ରା ସମ୍ପର୍କରେ ଆଲୋଚନା କରାଯାଉଛି।

ଡେରାବିଶ, ୧୬।୩
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଶ୍ରୀଧରପୁର ଗ୍ରାମର ଶ୍ରୀଶ୍ରୀ ବଟ ଗୋସେଇଁଙ୍କ ପୀଠରେ ଶ୍ରୀରାମ ନବମୀ ଯାତ୍ରା ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବଟ ମହାପୁରୁଷ ଗ୍ରାମ୍ୟ କମିଟି ସଭାପତି ସ୍ମାରକ ମହାନ୍ତିଙ୍କ ଆହ୍ୱାନ କ୍ରମେ ବୈଠକରେ ଭରତ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ଏଥିରେ ରାମନବମୀ ଯାତ୍ରା ପାଇଁ ବିଭିନ୍ନ ବିଭାଗ ବିଭିନ୍ନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ମାର୍ଚ୍ଚ ୨୭ ତାରିଖ ଶ୍ରୀରାମ ନବମୀ ଶ୍ରୀରାମଙ୍କର ଜନ୍ମ ଉତ୍ସବ ସହିତ ଶୋଭାଯାତ୍ରା ପାଇଁ ଜାଗା କିଣିବାକୁ କବିସୂର୍ଯ୍ୟ ବ୍ରହ୍ମା ମଠକୁ ସନ୍ଧ୍ୟାରେ ବାଜା ବାଣ ରୋଷଣୀରେ ଯାତ୍ରା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ବିଭିନ୍ନ ବିଷୟବସ୍ତୁକୁ ନେଇ ମାର୍ଚ୍ଚ ୩୧ ରୁ ଯାତ୍ରା ଆରମ୍ଭ ହୋଇ ଏପ୍ରିଲ ୭ ରାତ୍ରରେ ପରିସମାପ୍ତି ଘଟି ୮ ତାରିଖ ପ୍ରଭାତରେ ଅଭିଷେକ ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ୫ ତାରିଖ ସନ୍ଧ୍ୟାରେ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥି ସହିତ ଯାତ୍ରାର ରାମସୀତା ବିବାହ ଦିବସ ଦିନ ଉପସ୍ଥିତ ଥିବା ସ୍ଥାନୀୟ ଶ୍ରାଦ୍ଧାଳୁ ମାନେ ପ୍ରସାଦ ସେବନ କରିବାପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ବିଷୟବସ୍ତୁମାନ ମଞ୍ଚସ୍ଥ କରାଯିବା ସହିତ ରାତ୍ର ୧୧ଟା ମଧ୍ୟରେ ଯାତ୍ରା ସମାପ୍ତି କରାଯିବାକୁ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଥିଲା। ଶେଷରେ ସ୍ମାରକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାକ୍ଟର ଚକା ଫାଟି ଡ୍ରାଇଭର ମୃତ

ରାଜନଗର, ୧୬।୩

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୂଳ ବଜାରରେ ଥିବା ଏକ ଗ୍ୟାରେଜରେ ଟ୍ରାକ୍ଟର ଚକା ଫାଟି ଜଣେ ଡ୍ରାଇଭରଙ୍କର ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଭିତରଗଡ ପଞ୍ଚାୟତ ଶିଳପୋଖରୀ ଗ୍ରାମର ଅନୁକୂଳ ମଣ୍ଡଳ (୨୦)। ଟ୍ରାକ୍ଟର ଚକ ପଙ୍କଚର ହୋଇଥିବାରୁ ଜରିମୂଳ ବଜାରରେ ଥିବା ଗ୍ୟାରେଜକୁ ଆଣିଥିଲେ । ଅନୁକୂଳ ଚକ ଖୋଲୁଥିବାବେଳେ ତାହା ଫାଟି ଯାଇଥିଲା । ସେ କିଛି ଦୂରକୁ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ ।

## କୁସୁନପୁରରେ ସିଏସ୍‌ଆଇଆର୍ ସ୍ମାର୍ଟ ଗ୍ରାମ ପ୍ରୟାସର ଶୁଭାରମ୍ଭ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ରାଜନଗର, ୧୬।୩
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କୁସୁନପୁର ଗ୍ରାମରେ ସୋମବାର ସିଏସ୍‌ଆଇଆର ସ୍ମାର୍ଟ ଗ୍ରାମ ଏକ ପ୍ରୟାସର ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମକୁ ଦୂରରୁ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ବିଭାଗ ସଚିବ ତଥା ସିଏସ୍‌ଆଇଆର ମହାନିର୍ଦ୍ଦେଶକ ଡକ୍ଟର ଏନ. କଲାଇସେଲଭି ଓ ଜିଲାପାଳ ରଘୁରାମ ଆର. ଆୟର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେଣ୍ଟ୍ରାଲ ବିଲଡିଂ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ କୁମାର ରାମାନଚର୍ଲା, ଆଇଏମ୍‌ଏମ୍‌ଟି, ଭୁବନେଶ୍ୱରର ନିର୍ଦ୍ଦେଶକ ଡ଼.ରାମାନୁଜ ନାରାୟଣ ମଧ୍ୟ ଉପସ୍ଥିତ ଥିଲେ। ବାଲ ରକ୍ଷା ଭାରତର ରାଷ୍ଟ୍ରୀୟ ମୁଖ୍ୟ ସାନ୍ତନୁ ଚକ୍ରବର୍ତ୍ତୀ, ନେଚର୍ସ କ୍ଲବ ସମ୍ପାଦକ ମଧୁସ୍ମିତ ପତି ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଆଗାମୀ ୩ ବର୍ଷ ଯାଏ କାର୍ଯ୍ୟକାରୀ ହେବ। ସିଏସ୍‌ଆଇଆର ଅଧୀନରେ ଥିବା ଭାରତର ପ୍ରମୁଖ ବୈଜ୍ଞାନିକ ଅନୁସନ୍ଧାନ ସଂସ୍ଥା ଗୁଡିକ ନିଜର ସମସ୍ତ ଜ୍ଞାନ କୌଶଳ ପ୍ରୟୋଗ କରି ଗାଁକୁ ସ୍ମାର୍ଟ ଭିଲେଜରେ ପରିଣତ କରିବେ। ଜଳ, କୃଷି , ସୌରଶକ୍ତି , ବାଜ୍ୟବସ୍ତୁ ପରିଚାଳନା, ବାତ୍ୟା ପ୍ରତିରୋଧକ ଘର, ରାସ୍ତା ଓ ଲୁଣା ଜଙ୍ଗଲ ଦିଗରେ ମିଳିତ ଭାବରେ କାର୍ଯ୍ୟକ୍ରମ କରିବେ। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ଲଳିତ କୁମାର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ସମିତି ସଭ୍ୟା ସସ୍ମିତା ସ୍ୱାଇଁ, ଗାଁ ମୁରବି ବିଷ୍ଣୁ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅବସରରେ କୁସୁନପୁର ସ୍ମାର୍ଟ ଗ୍ରାମ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଡିପିଆର ଉନ୍ମୋଚନ ସହିତ, ଗ୍ରାମରେ ନିୟୋଜିତ ହେବାକୁ ଥିବା ବିଭିନ୍ନ ସିଏସ୍‌ଆଇଆର ପ୍ରୟୋଗଶାଳାରୁ ପ୍ରସ୍ତାବିତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ କରାଯାଇଥିଲା।

### ଅତିଥିଙ୍କ ପାଇଁ ସ୍କୁଲପିଲାଙ୍କୁ ଖରାରେ ଠିଆ କଲେ



ପିଲାମାନେ ଅତିଥିଙ୍କୁ ସ୍ୱାଗତ କରିବାକୁ ଖରାରେ ଛିଡା ହୋଇଛନ୍ତି।

ସିଏସ୍‌ଆଇଆର୍ ଆଦର୍ଶ ଗ୍ରାମ ପ୍ରୟାସ କାର୍ଯ୍ୟକ୍ରମ ହେଉଥିବା ବେଳେ କସୁନୁପୁର ପ୍ରାଥମିକ ବିଦ୍ୟାଳୟର ପିଲାମାନେ ଖରାରେ ଛିଡା ହୋଇ ଅତିଥିମାନଙ୍କୁ ସ୍ୱାଗତ କରିବା ଘଟଣା ସ୍କୁଲ ଓ ଗଣଶିକ୍ଷା ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେ ସଭାକୁ ଆସିବାକୁ ପ୍ରଧାନ ଶିକ୍ଷୟିତ୍ରୀ କିଭଳି ପିଲାମାନଙ୍କୁ ଛାଡିଲେ ଯାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏ ସମ୍ପର୍କରେ ପ୍ରାଥମିକ ବିଦ୍ୟାଳୟର ପ୍ରାଧନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ସେଠୀଙ୍କୁ ପଚାରିବାରେ ବିଦ୍ୟାଳୟରେ ୨୧ ଜଣ ପିଲା ପଢନ୍ତି। ସୋମବାର ଗାଁରେ ସିଏସ୍‌ଆଇଆର୍ ଆଦର୍ଶ ଗ୍ରାମ ପ୍ରୟାସ କାର୍ଯ୍ୟକ୍ରମ ହେଉଥିବାରୁ ବିଦ୍ୟାଳୟକୁ କୌଣସି ପିଲା ଆସି ନ ଥିଲେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଦୃଷ୍ଟି ଦେବା ସହ ଶିକ୍ଷକ, ବିଇଓ ଏବଂ ଡିଇଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବୀ କରିଛନ୍ତି।

## ପଟ୍ଟାମୁଣ୍ଡାଇ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି



ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

କେନ୍ଦ୍ରାପଡ଼ା, ୧୬।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଗୁଡିକର ଦ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିବିରରେ ମୋଟ ୧୨୬ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିରୁ ୧୦୨ଟି ବ୍ୟକ୍ତିଗତ ଓ ୨୪ଟି ସାମୁହିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ୭ଟି ଅଭିଯୋଗ ତୁରନ୍ତ ସମାଧାନ ହୋଇଥିଲା। ଅଭିଯୋଗ ଗୁଡିକ ମଧ୍ୟରେ ସାମାଜିକ ସୁରକ୍ଷା ବିଭାଗ, ସାମାଜିକ କଲ୍ୟାଣ, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ଅବକାରୀ, ଯୋଗାଣ ବିଭାଗ, କ୍ରୀଡା, ସ୍ୱାସ୍ଥ୍ୟ ଓ ଖଣିଜସମ୍ପଦ ଆଦି ବିଭାଗର ରହିଥିଲା। ଏଗୁଡିକର ତୁରନ୍ତ ସମାଧାନ ପାଇଁ ଉପ ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଉପଜିଲାପାଳ ଅରୁଣ ନାୟକ, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଳ ଅଗରଓାଲ ଓ ତହସିଲଦାର ପଞ୍ଚାନନ ନାୟକଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ କ୍ଷେତ୍ରୀୟ ଅଧିକାର ଉପସ୍ଥିତ ଥିଲେ ।

### ଜିଲାପାଳଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି ତଥା କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀଙ୍କ ସହ ଏକ ପ୍ରତିନିଧିଦଳ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୨୦୦୩ରୁ ଚକବନ୍ଦି କାର୍ଯ୍ୟ ଶେଷ ହୋଇଥିଲେ ମଧ ଲୋକଙ୍କୁ ଚକ ଚିହ୍ନଟ ହୋଇନାହିଁ। ତୁରନ୍ତ ଚିହ୍ନଟ କରାଇବାକୁ ସହିତ ସରକାରୀ କାର୍ଯ୍ୟାଳୟରେ ପିସି କାରବାର ବନ୍ଦ ଦାବି କରାଯାଇଥିଲା । ପଟ୍ଟାମୁଣ୍ଡାଇ କଲେଜରେ ୨୦୨୦ରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଥିବା ବେଳେ ପୁନଃ ୫୬ ବର୍ଷରେ ୨୦୨୬ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଇବା ପାଇଁ ଚାଲିଥିବା ମସୁଧା ଏବଂ କଲେଜ ଅର୍ଥ ଖର୍ଚ୍ଚ କରାଇବା ପାଇଁ ହୋଇଥିବା ନିଷ୍ପତ୍ତିକୁ ବନ୍ଦ କରିବା ପାଇଁ ଦାବି ହୋଇଥିଲା । ଅଭିଯୋଗ ଶୁଣାଣି ହେବାକୁ ଥିବା ବେଳେ ଜିଲାପାଳଙ୍କ ଅନୁପସ୍ଥିତିକୁ ନେଇ ଲୋକ ଅଭିଯୋଗ ନ କରି ଫେରି ଯାଇଥିବା ଦେଖିବାକୁ ମିଳିଥିଲା। ବାରମ୍ବାର ଏପରି ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲ । ଯାହାକୁ ନେଇ କାଉନସିଲର ଗୋପୀବଲ୍ଲଭ ନାୟକ, ଆଇନଜୀବୀ ଗୋପୀନାଥ ତ୍ରିପାଠୀ ସହ ସୁରେନ୍ଦ୍ର ନାଥ କର, ଶରତ ମଣ୍ଡଳ,ଅମର ମଳିକ, ସୁଶାନ୍ତ ମଳିକ ଓ ଦୀପକ ମଳିକ ପ୍ରମୁଖ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ଅନୁପସ୍ଥିତିକୁ ନେଇ ପ୍ରଶ୍ନ ଉଠାଇବା ସହିତ ପୌରାଧ୍ୟକ୍ଷଙ୍କୁ ଡକାଯିବା ଉପରେ ପ୍ରଶ୍ନ ଉଠାଇଥିଲେ । ଯାହାକୁନେଇ ଉପଜିଲାପାଳ ଓ ଏସ୍‌ପିଙ୍କ ସହିତ କଥାକଟାକଟି ହୋଇଥିବା ଦେଖିବାକୁ ମିଳିଥିଲା ।

## ପ୍ରାଧାପିକାଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

କେନ୍ଦ୍ରାପଡ଼ା, ୧୬।୩(ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲାର ଏକ ପୁରାତନ ମହାବିଦ୍ୟାଳୟରେ ଜଣେ ପ୍ରାଧାପିକାଙ୍କୁ କନିଷ୍ଠ ଅଧାପକ ଅଶାଳୀନ ମନ୍ତବ୍ୟ ସହ ମାନସିକ ନିର୍ଯାତନା ଦେଇଛନ୍ତି । ଏଭଳି ଅଭିଯୋଗ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନାଙ୍କ ନିକଟରେ ସୋମବାର ହୋଇଛି। ପ୍ରାଧାପିକା ଅଭିଯୋଗ କରିଛନ୍ତି, ସେ ଏବେ ଯୁକ୍ତ ୨ ପରୀକ୍ଷାର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟ କରୁଛନ୍ତି। ପରୀକ୍ଷା ପରିଚାଳନା ପାଇଁ ପ୍ରସ୍ତୁତିରେ ଥିବା ବେଳେ ଅଭିଯୁକ୍ତ ଅଧାପକ ମହାବିଦ୍ୟାଳୟର ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସମ୍ମୁଖରେ ଅଶାଳୀନ ବ୍ୟବହାର କରିଥିଲେ। ଏପରିକି ଯୁକ୍ତ ୨ ପରୀକ୍ଷା ବନ୍ଦ କରିଦେବେ ବୋଲି ଧମକ ଦେଇଥିଲେ । ଏ ନେଇ ସେ ଅଧ୍ୟକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ । ପରେ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଓ ପରିଚାଳନା ସଭାପତି ତଥା ଅତିରିକ୍ତ ଜିଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ କରିଛନ୍ତି । ଅତିରିକ୍ତ ଜିଲାପାଳ ଜେନା କହିଛନ୍ତି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ।

## ପୋଖରୀରୁ କୁମ୍ଭୀର ଉଦ୍ଧାର



ଉଦ୍ଧାର ହୋଇଥିବା କୁମ୍ଭୀର ।

ରାଜନଗର, ୧୬।୩
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଲାପୁର ଗୋଟିଏ ପୋଖରୀରୁ ଏକ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି । ୭ ଫୁଟ ୩ ଇଞ୍ଚର ମା'କୁମ୍ଭୀର ଉଦ୍ଧାର କରି ହାବଳ କ୍ରୀକ୍‌ରେ ଛଡାଯାଇଛି। ସୂଚନା ମୁତାବକ ଗାଁରେ ଥିବା ଠାକୁରାଣୀ ପୋଖରୀରେ କୁମ୍ଭୀର ପଶିଥିଲା। ଗାଁ ଲୋକ ବନବିଭାଗକୁ ଜଣାଇବା ପରେ ବିଭାଗ ପକ୍ଷରୁ ପୋଖରୀରେ ଜାଲ ବୁଲାଇ କୁମ୍ଭୀରକୁ ଧରିବାକୁ ପ୍ରୟାସ ଆରମ୍ଭ ହୋଇଥିଲା। କୁମ୍ଭୀର କୌଶଳ କ୍ରମେ ପାଖରେ ଥିବା ଅନ୍ୟ ଏକ ପୋଖରୀକୁ ଚାଲିଯାଇଥିଲା। ରବିବାର ରାତିରେ ପୋଖରୀରେ ଜାଲ ବିଛାଇ କୁମ୍ଭୀରକୁ କାବୁ କରିଥିଲେ। ରାତି ପ୍ରାୟ ୨ଟା ୪୫ରେ କୁମ୍ଭୀରକୁ ବନବିଭାଗ ଟିମ୍ କାବୁ କରି ନେଇଥିଲା। ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ତ୍ରିଦୀପ ପ୍ରଧାନଙ୍କ ସହିତ ବନବିଭାଗର କର୍ମଚାରୀମାନେ ଏହି ବିରାଟକାୟ କୁମ୍ଭୀରକୁ ଧରିବାରେ ସକ୍ଷମ ହୋଇଥିଲେ।

## ୩୫୦୦ ଟଙ୍କା ଭତ୍ତା ଦେବାକୁ ଦାବି

ଆଳି, ୧୬।୩
(ବନମାଳୀ ସେନାପତି)

ମୋତେ ଏବେ ୮୮ ବର୍ଷ ହେଲାଣି। ମୋଠାରୁ ସାନମାନେ ଏବେ ୩ ହଜାର ୫ ଶହ ଟଙ୍କା ପାଉଛନ୍ତି । କିନ୍ତୁ ମୋତେ ଏବେ ହଜାରେ ଟଙ୍କା ମିଳୁଛି । ମୋତେ କ'ଣ ୩୫୦୦ ଟଙ୍କା ଭତ୍ତା ମିଳିବା ବୟସ ହୋଇନହିଁ । ଆଗରୁ ହାତକୁ ଟଙ୍କା ଆସୁଥିଲା ଠିକ୍ ଥିଲା, କିନ୍ତୁ ଏବେ ବ୍ୟାଙ୍କ ଖାତାକୁ ଆସୁଥିବାରୁ ଅଟୋ ଭଡ଼ା ୩ ଶହ ଟଙ୍କା ଖର୍ଚ୍ଚକରି ବ୍ୟାଙ୍କରୁ ଟଙ୍କା ଉଠାଣ କରିବା ପରେ ୭ ଶହ ଟଙ୍କା ବଳୁଛି । ଏମିତି ହେଲେ କେମିତି ଚଳିବି । ଏମିତି ନିଜର ଦୁଃଖ କେନ୍ଦ୍ରାପଡ଼ା ଜିଲା ଆଳି ବାଳକାଟି ପଞ୍ଚାୟତ ବଡ଼ଆଙ୍ଗୋ ଗ୍ରାମର ତଉଲି ବେହୁରା ଜଣାଇଛନ୍ତି । ବୟସାଧିକ୍ୟ ଯୋଗୁ ଚାଲିବାକୁ ଅକ୍ଷମ ଥିବା ତଉଲି ସୋମବାର ଘରୁ ଅଟୋ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସି ମନଦୁଃଖରେ ବିଡିଓଙ୍କ ଚାମ୍ବରରେ ପହଞ୍ଚି ତାଙ୍କୁ ବୟସ ହୋଇଥିଲେ ମଧ ସେ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ ଭତ୍ତା ପାଉ ନ ଥିବା ଅଭିଯୋଗ କରିଥିଲେ । ତାଙ୍କୁ ଏବେ ୮୮ ବୟସ ହୋଇଥିବା ବେଳେ କ'ଣ ପାଇଁ ସେ ୩୫୦୦ ଟଙ୍କା ପାଇବାରୁ ବଞ୍ଚିତ ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ । ତଉଲି ଅଭିଯୋଗ କରିଛନ୍ତି, ତାଙ୍କ ଗ୍ରାମରେ ତାଙ୍କଠାରୁ ସାନ ବୟସର ଲୋକମାନେ ବର୍ଦ୍ଧିତ ଭତ୍ତା ପାଉଥିବା ବେଳେ ସେ ଏଥିରୁ ବଞ୍ଚିତ । ସେ ଭତ୍ତା ହଜାରେ ପାଉଥିବା ବେଳେ ୩ ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଭତ୍ତା ହାତକୁ ନ ଆସି ଏବେ ଆକାଉଣ୍ଟକୁ ଆସୁଥିବାରୁ ଘରୁ ପ୍ରତିମାସ ବ୍ୟାଙ୍କକୁ ୩ଶହ ଟଙ୍କା ଅଟୋ ଭଡ଼ା କରି ହଜାରେ ଟଙ୍କା ଉଠାଇବାକୁ ପଡୁଛି । ଫଳରେ ସେ ୭ ଶହ ଟଙ୍କାରେ ଚଳିବାରେ ବହୁତ କଷ୍ଟ ଅନୁଭବ କରୁଛନ୍ତି । ବର୍ଦ୍ଧିତ ଭତ୍ତା ଦେବା ନିମନ୍ତେ ସେ ପଞ୍ଚାୟତ ଠାରୁ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେଉଥିବା ବେଳେ ବ୍ଲକ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନଥିବା ସେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ୩୫୦୦ ଟଙ୍କା ଭତ୍ତା ଦେବା ନିମନ୍ତେ ଘୋଷଣା କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ୍‌ରେ ଶତାଧିକ ବୟସ୍କ ବ୍ୟକ୍ତି ଏହି ଭତ୍ତା ପାଇବା ନିମନ୍ତେ ଅପେକ୍ଷା କରିଥିବା ବେଳେ କେବେ ସେମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳିବ ତା'ର ଠିକ୍ ଠିକଣା ନାହିଁ । ବୟସ୍କ ହିତାଧିକାରୀମାନେ ବ୍ଲକ୍‌କୁ ଧାଉଁଥିବା ବେଳେ କର୍ତ୍ତୃପକ୍ଷ ସରକାର ଦେଲେ ସେମାନେ ଭତ୍ତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ବର୍ଦ୍ଧିତ ଭତ୍ତା ପାଇବା ନିମନ୍ତେ କିଭଳି ଭାବେ ବୃଦ୍ଧାବୃଦ୍ଧ ହନ୍ତସନ୍ତ ହେଉଛନ୍ତି ତାହା ତଉଲିଙ୍କ ଭଳି ଭତ୍ତା ହିତାଧିକାରୀଙ୍କ ଘଟଣା ହିଁ ସ୍ପଷ୍ଟ କରୁଛି । ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ କହିଛନ୍ତି, ଆଳି ବ୍ଲକ୍‌ରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ୮୦ ବର୍ଷରୁ ଅଧିକ ହିତାଧିକାରୀ ସରକାରଙ୍କ ପକ୍ଷରୁ ମିଳୁଥିବା ବର୍ଦ୍ଧିତ ଭତ୍ତା ପାଇବାକୁ ଅପେକ୍ଷା କରି ରହିଛନ୍ତି । ସରକାରଙ୍କ ପକ୍ଷରୁ ସେମାନଙ୍କ ନାମ ମଞ୍ଜୁର ହେଲେ ବର୍ଦ୍ଧିତ ଭତ୍ତା ଯୋଗାଇ ଦିଆଯିବ । ତଉଲି କିଭଳି ଭାବେ ପାଉଥିବା ଭତ୍ତା ବିନା ଖର୍ଚ୍ଚରେ ପାଇବେ ତାହାର ବ୍ୟବସ୍ଥା କରିବେ ।



ତଉଲି ବେହୁରା

## ଜାତୀୟ ମହିଳା ଆୟୋଗ, ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣି ଶିବିର

ବ୍ରହ୍ମପୁର, ୧୬।୩(ଅଶୋକ କୁମାର ସାହୁ)

ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଗଞ୍ଜାମ ଏବଂ ଗଜପତି ଜିଲାରୁ ମୋଟ ୨୯ଟି ଅଭିଯୋଗ ଦାଖଲ କରାଯାଇଥିଲା। ସେଥିମଧ୍ୟରୁ ଉଭୟ ପକ୍ଷର ଉପସ୍ଥିତି ସହ ୮ ମାମଲା, ଏକ ପକ୍ଷରୁ ୭ଟି ପିଟିସନ ଦାଖଲ କରିଥିବା ୭ଜଣ ଏବଂ ଅନ୍ୟ ପକ୍ଷରୁ ୨ଜଣ ଉପସ୍ଥିତ ଥିଲେ। ଏପରି ମୋଟ ୧୭ଟି ମାମଲାରେ ପକ୍ଷଗଣ ଶିବିରରେ ହାଜର ହୋଇଥିଲେ। ପାରସ୍ପରିକ ସହମତିରେ ୫ଟି କେସର ସମାଧାନ ହୋଇଥିବା ବେଳେ ୩ଟି ଅଭିଯୋଗ ଆରକ୍ଷୀ ଅଧିକ୍ଷକଙ୍କ ପାଖକୁ ପଠାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣକୁ ୪ଟି ମାମଲା ସମାଧାନ ପାଇଁ ପ୍ରେରଣ କରାଯାଇଛି। ଆଗାମୀ ଶୁଣାଣୀ ପାଇଁ ୫ଜଣଙ୍କୁ ନୋଟିସ ଜାରି କରାଯାଇଥିଲା। ଏହା ସହିତ ନୂତନ ଭାବେ ୩ଟି ଅଭିଯୋଗ ପଞ୍ଜୀକୃତ ହୋଇଛି। ଏହି ଶିବିରରେ ଓଡ଼ିଶା ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ସଭ୍ୟା ମୁକ୍ତା ସାହୁ, ପରାମର୍ଶଦାତା ବନ୍ଦନା ପଟ୍ଟନାୟକ ଓ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଏବଂ ଅତିରିକ୍ତ ଜିଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳରେ ନିଦାନ ଯୋଜନା ସ୍ୱପ୍ନ

ବ୍ରହ୍ମପୁର, ୧୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ରୋଗୀଙ୍କୁ ଉତ୍ତମ ଚିକିତ୍ସା ସାଙ୍ଗକୁ ଠିକ ପରୀକ୍ଷା ନିମନ୍ତେ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ଏଥିସହିତ ବିଭିନ୍ନ ଯୋଜନାରେ ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ ସହ ରୋଗ ଚିହ୍ନଟ ନିମନ୍ତେ ମାଗଣାରେ ବିଭିନ୍ନ ପରୀକ୍ଷା କରାଯିବା ସୁବିଧା ରହିଛି। ସେହିକ୍ରମରେ ରାଜ୍ୟ ସରକାରଙ୍କ ନିଦାନ ଯୋଜନାରେ ସମସ୍ତ ସରକାରୀ ହସ୍ପିଟାଲରେ ମାଗଣାରେ ବିଭିନ୍ନ ପରୀକ୍ଷାର ବ୍ୟବସ୍ଥା ରହିଛି। ତେବେ ଗଞ୍ଜାମ ଜିଲାରେ ଥିବା ୪ ଉପଖଣ୍ଡ ଚିକିତ୍ସାଳୟ(ଏସଡ଼ିଏଚ) ମଧ୍ୟରୁ ୩ଟିରେ ରୋଗୀଙ୍କ ନିମନ୍ତେ ଇଲେକ୍ଟ୍ରୋ କାର୍ଡିଓଗ୍ରାମ(ଇସିଜି) ପରୀକ୍ଷାର ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଇଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ) କୁହାଯାଉଥିବା ବ୍ରହ୍ମପୁର ସିଟି ହସ୍ପିଟାଲରେ ସନ୍ଧ୍ୟାଠାରୁ ସକାଳ ପର୍ଯ୍ୟନ୍ତ ମେଡ଼ିକାଲର ଆଶୁଚିକିତ୍ସା ବିଭାଗରେ ମଧ୍ୟ ଇସିଜି ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉନଥିବା ଜଣାପଡିଛି। ବର୍ଷେରୁ ଉର୍ଦ୍ଧ୍ୱ ସମୟ ଧରି ଏହି ସମସ୍ୟା ଲାଗିରହିଛି। ଫଳରେ ଜିଲାର ସାସ୍ଥ୍ୟ କ୍ଷେତ୍ରରେ ପ୍ରମୂଖ ଭୂମିକା ଗ୍ରହଣ କରୁଥିବା ସିଏଚସି, ଏସଡ଼ିଏଚ ଓ ଡିଏଚଏଚ ହସ୍ପିଟାଲରେ ଏହି ବ୍ୟବସ୍ଥା ନଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଜିଲାର ଗ୍ରାମାଞ୍ଚଳ ସମେତ ସହରାଞ୍ଚଳରେ ମଧ୍ୟ ରାଜ୍ୟ ସରକାରଙ୍କ ନିଦାନ ଯୋଜନା ରୋଗୀଙ୍କ ପାଇଁ ସାତ ସପନ ଭଳି ମନେ ହେଉଛି।

ସାଧାରଣତଃ ଇସିଜି ପରୀକ୍ଷା ଦ୍ୱାରା ହୃଦସ୍ପନ୍ଦନ ସମ୍ପର୍କିତ ସୂଚନା ମିଳିଥାଏ। ଏହା ଦ୍ୱାରା ହୃଦଘାତ ପୂର୍ବରୁ ଜଣେ ବ୍ୟକ୍ତିଙ୍କୁ ବଞ୍ଚାଇବା ସହିତ ଧମନୀରେ ବ୍ଲକେଜ ଥିଲେ ଜାଣିବା ସହଜ ହୋଇଥାଏ। ଯଦ୍ୱାରା ଭବିଷ୍ୟତରେ ଆସିବାକୁ ଥିବା ହୃଦରୋଗରୁ ରୋଗୀଙ୍କୁ ରକ୍ଷା କରିବା ଆପାତତଃ ସମ୍ଭବପର ହୋଇଥାଏ। ସେହିଭଳି ଯଦି କୌଣସି ବ୍ୟକ୍ତିଙ୍କର ଶ୍ୱାସ ସମ୍ବନ୍ଧୀୟ କୌଣସି ସମସ୍ୟା ରହିଥାଏ ତେବେ ପ୍ରଥମେ ଇସିଜି କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥାନ୍ତି। ଛାତିରେ ଯନ୍ତ୍ରଣା ହେବା, ସାମାନ୍ୟ କାରଣରୁ ବିଚଳିତ ହେବା, ଅତ୍ୟଧିକ ଝାଳ ବୋହିବା ଏବଂ ଦୃତ ହୃଦସ୍ପନ୍ଦନ ହେଲେ ଇସିଜି ପରୀକ୍ଷା କରିବାକୁ ପଡିଥାଏ। ହୃଦରୋଗୀଙ୍କୁ ନିୟମିତ ବ୍ୟବଧାନରେ ଇସିଜି ପରୀକ୍ଷା କରିବା ନିହାତି ଜରୁରୀ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଜିଲାର ବିଭିନ୍ନ ହସ୍ପିଟାଲରେ ରୋଗୀଙ୍କ ପାଇଁ ଉପଲବ୍ଧ ନଥିବା ଚିନ୍ତା ଓ ପରିତାପର ବିଷୟ ହୋଇଛି। ବ୍ରହ୍ମପୁର ସିଟି ହସ୍ପିଟାଲ ଓ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଆଉଟସୋର୍ସିଂ ଭାବେ ଜଣେ ଇସିଜି ଟେକ୍ନିସିଆନଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଓପିଡ଼ି ସମୟରେ ହିଁ ସମ୍ପୃକ୍ତ ବ୍ୟକ୍ତି ଜଣକ ରୋଗୀଙ୍କ ଇସିଜି ପରୀକ୍ଷା କରିଥାନ୍ତି। ଫଳରେ ଓପିଡି ସମୟ ବାହାରେ ଅର୍ଥାତ ସନ୍ଧ୍ୟା ୫ଟାରୁ ସକାଳ ୮ଟା ମଧ୍ୟରେ ହସ୍ପିଟାଲର ଆଶୁଚିକିତ୍ସା ବିଭାଗକୁ ଆସୁଥିବା ଗୁରୁତର ରୋଗୀଙ୍କ ଇସିଜି ପରୀକ୍ଷା ନିମନ୍ତେ କୌଣସି ବ୍ୟବସ୍ଥା ନ ଥିବା ଜଣାପଡିଛି। ସେହିପରି ଜିଲାର ଭଞ୍ଜନଗର, ଆସିକା ଓ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଇସିଜି ପରୀକ୍ଷା ହେଉ ନ ଥିବା ବେଳେ ସେଠାରେ ଇସିଜି ଟେକ୍ନିସିଆନ ପଦବୀ ନଥିବା ଜଣାପଡିଛି। ଫଳରେ ଜିଲାର ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ଗୁରୁତର ରୋଗୀଙ୍କୁ ଇସିଜି ପରୀକ୍ଷା ନିମନ୍ତେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ଆସିବାକୁ ପଡୁଛି। ଠିକ ସମୟରେ ଗୁରୁତର ରୋଗୀଙ୍କ ଇସିଜି ପରୀକ୍ଷା ହେଉ ନ ଥିବାରୁ ରୋଗ ଚିହ୍ନଟ କରି ଚିକିତ୍ସା କରିବାରେ ଡ଼ାକ୍ତରଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇଥାଏ। ଫଳରେ ଅକାଳରେ ବହୁ ରୋଗୀ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭବାନୀଶଙ୍କର ମିଶ୍ର କହିଛନ୍ତି ଯେ, ସିଟି ହସ୍ପିଟାଲରେ ଜଣେ ଟେକ୍ନିସିଆନ ରହିଛି। ସେ କେବଳ ବହିଃ ଚିକିତ୍ସା ବିଭାଗକୁ ଆସୁଥିବା ରୋଗୀଙ୍କ ଇସିଜି କରୁଛନ୍ତି। ଜଣେ ଷ୍ଟାଫ ଥିବାରୁ ୨୪ ଘଣ୍ଟିଆ ସୁବିଧା ଯୋଗାଇ ହୋଇପାରୁନାହିଁ। ଏ ନେଇ ସରକାରଙ୍କୁ ଜଣାଇଛୁ ବୋଲି ଡା.ମିଶ୍ର ସୂଚନା ଦେଇଛନ୍ତି।

## ପର୍ଯ୍ୟଟନ ଓ ଭ୍ରମଣ ଶିକ୍ଷା ବିଭାଗରେ କର୍ମଶାଳା




ପୁସ୍ତିକା ଉନ୍ମୋଚନ କରୁଛନ୍ତି କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର, ୧୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ସୋମବାର ପର୍ଯ୍ୟଟନ ଏବଂ ଭ୍ରମଣ ଶିକ୍ଷା ବିଭାଗର ୩ଦିନିଆ କର୍ମଶାଳା ଉଦଘାଟିତ ହୋଇଛି। ପର୍ଯ୍ୟଟନ ଏବଂ ଆତିଥ୍ୟ ଶିଳ୍ପରେ କ୍ୟାରିୟର ସୁଯୋଗ କର୍ମଶାଳାର ଶୀର୍ଷକ ଥିଲା । କାର୍ଯ୍ୟକ୍ରମର ଆବାହକ ରିତୁ ତିୱାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ ପ୍ରାଧ୍ୟାପକ ଇକବଲ ଅହମ୍ମଦ ଭଟ୍ଟ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଇଷ୍ଟିଚ୍ୟୁଟ ଅଫ ମ୍ୟାରିଟାଇମ ଆଣ୍ଡ ସାଉଥ ଇଷ୍ଟ ଷ୍ଟଡିସର ନିର୍ଦ୍ଦେଶକ ଡ. ସୁନୀଲ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପ୍ରଫେସର ମି.ଅବ୍ଦୁଲ ସୋଫିକ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ପର୍ଯ୍ୟଟନ ଏବଂ ଆତିଥ୍ୟ ଶିଳ୍ପରେ ଚାକିରିର ସୁଯୋଗ ଏବଂ ଜୀବିକା ଉନ୍ନତିର ସମ୍ଭାବନା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମଟି କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଆୟୋଜିତ ହୋଇଥିଲା । ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶରେ ସହାୟକ ହୋଇପାରିବ ବୋଲି କହିଥିଲେ । ସମ୍ମାଣ୍ନୀୟ ଅତିଥି ଭାବେ ପି.ଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା । ଏହି କର୍ମଶାଳାରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଡ଼.ରଞ୍ଜିତ ସିଂ ଧନ୍ୟବାଦ ଦେଇଥିଲେ।

### ସିବିଆଇ ଅଧିକାରୀ କହି କୋଟିଏ ଟଙ୍କାର ସୁନା ଲୁଟ ଘଟଣା

# ମାଷ୍ଟରମାଇଣ୍ଡଙ୍କ ସମେତ ୩ ଆନ୍ତଃରାଜ୍ୟ ଲୁଟେରା ଗିରଫ

ବ୍ରହ୍ମପୁର, ୧୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳ ଷ୍ଟେଶନ ବାହାରେ ସିବିଆଇ ଅଧିକାରୀ ପରିଚୟ ଦେଇ ଜଣେ ବ୍ୟବସାୟୀଙ୍କଠାରୁ ପ୍ରାୟ ୧ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଆନ୍ତଃରାଜ୍ୟ ଠକ ଦଳର ୩ ଜଣଙ୍କୁ ବ୍ରହ୍ମପୁର ରେଳବାଇ ପୋଲିସ ଓ ଆରପିଏଫ ଗିରଫ କରିଛି । ସେମାନେ ହେଲେ ରାଜସ୍ଥାନ ବାଲୋତ୍ରାର ନରେନ୍ଦ୍ର କୁମାର ଓରଫ ପ୍ରଜାପତି, ଚୋରି ସୁନା କ୍ରୟ କରିଥିବା ପୁନମ ଚାନ୍ଦ ଓ ପାଲି ଅଞ୍ଚଳର ଜିତୁ ଚୌଧୁରୀ। ଅଭିଯୁକ୍ତମାନଙ୍କ ନିକଟରୁ ୧୪ ଲକ୍ଷ ୮୦ ହଜାର ଟଙ୍କାର ସୁନା ଅଳଙ୍କାର ଜବତ ହୋଇଛି । ଏହି ମାମଲାରେ ଆଉ ୫ ଫେରାର ଥିବା ଜିଆରପି ଏସଡିଆରପିଓ ଜଗନ୍ନାଥ ମଲିକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁରୀ ଜିଆରପି ଇନ୍ସପେକ୍ଟର ସନ୍ତୋଷ କୁମାର ବାହିନୀପତି, ବ୍ରହ୍ମପୁର ଆରପିଏଫ ଇନ୍ସପେକ୍ଟର ସି. ଭି. ରମଣା ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୫ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ ବିଶାଖାପାଟଣାର ସୁନା ବ୍ୟବସାୟୀ ହସମୁଖ ଜୈନ ଏବଂ ତାଙ୍କର ଜଣେ



ଖବରଦାତା ସମ୍ମିଳନୀରେ ଏସଡିପିଓ ଜଗନ୍ନାଥ ମଲ୍ଲିକ ସୂଚନା ଦେଉଛନ୍ତି।

ସହଯୋଗୀ କୋଣାର୍କ ଏକ୍ସପ୍ରେସରୁ ବ୍ରହ୍ମପୁର ଷ୍ଟେଶନରେ ଓହ୍ଲାଇଥିଲେ। ସେମାନେ ବାଇକ ପାର୍କିଂ ନିକଟକୁ ଯାଉଥିବା ସମୟରେ ୨ଜଣ ଅଜଣା ବ୍ୟକ୍ତି ନିଜକୁ ସିବିଆଇ ଅଫିସର ପରିଚୟ ଦେଇ ସେମାନଙ୍କୁ ଅଟକାଇଥିଲେ। ହସମୁଖଙ୍କ ବ୍ୟାଗ ଯାଞ୍ଚ କରିବା ବାହାନାରେ ସେମାନେ ବଳପୂର୍ବକ ୩୩ ପ୍ରକାରର ସୁନା ଅଳଙ୍କାର (ପ୍ରାୟ ୮୬୨ ଗ୍ରାମ), ଦୁଇଟି ମୋବାଇଲ ଫୋନ ଏବଂ ଜରୁରୀ କାଗଜପତ୍ର ଥିବା ବ୍ୟାଗଟିକୁ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ପରେ ଷ୍ଟେଶନ ନିକଟରୁ ମିଳିଥିବା ସିସିଟିଭି ଫୁଟେଜ ଓ ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ଏକ ମଦ ଦୋକାନରୁ ମିଳିଥିବା ଫୁଟେଜରୁ ଅଭିଯୁକ୍ତ ନରେନ୍ଦ୍ର ଚିହ୍ନଟ ହୋଇଥିଲେ। ସେ ଉକ୍ତ ମଦ ଦୋକାନରୁ ମଦ ଆଣି ଅନଲାଇନରେ ପଇସା ଦେଇଥିଲେ। ଉକ୍ତ ନମ୍ବର ଟ୍ରାକିଂ କରି ତାଙ୍କୁ ରାଜସ୍ଥାନରୁ କାବୁ କରାଯାଇଥିଲା। ଘଟଣାର ୫ ଦିନ ପୂର୍ବରୁ ବିଶାଖାପାଟଣାର ଏକ ହୋଟେଲରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ହସମୁଖ ଜୈନ

### ଫେରାର ୫ଜଣଙ୍କୁ ଧରିବା ପାଇଁ ରାଜସ୍ଥାନରେ ଟିମ୍

ବିଶାଖାପାଟଣା ସୁନା ଅଳଙ୍କାର ଆଣିବାକୁ ଯାଇଥିବା ବେଳେ ନରେନ୍ଦ୍ର ତାଙ୍କ ଗାଁରୁ ଲୁଟେରା ଗ୍ୟାଙ୍ଗକୁ ଆଣି ସେଠାରେ ରେକି କରୁଥିଲା। ହସମୁଖ ୨୫ ତାରିଖ କୋଣାର୍କ ଟ୍ରେନରେ ବ୍ରହ୍ମପୁର ଫେରିବା ପାଇଁ ଟିକେଟ ହୋଇଥିବା ସେ ଜାଣିବାକୁ ପାଇଥିଲେ। ବ୍ରହ୍ମପୁରରେ କୋଣାର୍କ ଏକ୍ସପ୍ରେସ ପହଞ୍ଚିବା ଘଣ୍ଟାଏ ପୂର୍ବରୁ ଲୁଟେରା ଗ୍ୟାଙ୍ଗ ବ୍ରହ୍ମପୁର ଷ୍ଟେସନ ବାହାରେ ତାଙ୍କୁ ଛକି ରହିଥିଲେ। ସେଠାରୁ ସେମାନେ ଚଞ୍ଚକତା କରି ଉକ୍ତ ସୁନାଗହଣା ଧରି ବିଶାଖାପାଟଣା ଫେରି ଉକ୍ତ ହୋଟେଲରେ ରହିଥିଲେ ବୋଲି ପୋଲିସ ନରେନ୍ଦ୍ରଙ୍କୁ ଜେରା ବେଳେ ଜାଣିବାକୁ ପାଇଛି। ଏବେବି ଏକ ଟିମ ରାଜସ୍ଥାନରେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ସେଠାରେ ଡେରା ପକାଇଛି। ଜିଆରପି ଏସପି ଭବାନୀ ଶଙ୍କର ଉଦଗାତାଙ୍କ ନିର୍ଦ୍ଦେଶରେ ୧୧ ଜଣ ପୋଲିସ ଅଧିକାରୀଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା।

## ଗ୍ୟାସ୍ ଯୋଗାଣରେ ଅନିୟମିତତା: ବିତରକଙ୍କ କାର୍ଯ୍ୟାଳୟରେ ଭିଡ଼

ବ୍ରହ୍ମପୁର, ୧୬।୩(ଅଶୋକ କୁମାର ସାହୁ):

ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ରନ୍ଧନ ଗ୍ୟାସ ଅଭାବରୁ ବହୁ ହୋଟେଲ ବନ୍ଦ ରହିଛି। କେତେକ ସ୍ଥାନରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରି ବାହାରେ ବ୍ୟାବସାୟିକ ସିଲିଣ୍ଡର ରଖି ଦେଖାଇବା ଘଟଣା ସାମନାକୁ ଆସିଛି। ଘରୋଇ ଗ୍ୟାସ ସିଲିଣ୍ଡରର କଳାବଜାର ଚାଲିଥିବା ଜଣାପଡିବା ପରେ ଉପଜିଲାପାଳଙ୍କ ନେତୃତ୍ୱରେ ନିଗମ ଓ ଯୋଗାଣ ବିଭାଗ ଅଧିକାରୀମାନେ ମିଳିତ ଭାବେ ଚଢ଼ାଉ କରିଥିଲେ। ତଥାପି ଏସପିଙ୍କ କାର୍ଯ୍ୟାଳୟ ଓ ବାସଭବନ ନିକଟସ୍ଥ ଗ୍ୟାସ ଡିଲରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟତିକ୍ରମ ଦେଖାଯାଇଥିଲା। କାର୍ଯ୍ୟାଳୟ ଫାଟକ ବନ୍ଦ ରଖି ଭିତରେ କର୍ମଚାରୀ ଥିବା ବେଳେ ବାହାରେ ଶତାଧିକ ପୁରୁଷ ଓ ମହିଳା ଗ୍ରାହକ ଗ୍ୟାସ ଖାତା ଧରି ଦୀର୍ଘ ସମୟ ଅପେକ୍ଷା କରିଥିଲେ। କିଛି ଗ୍ରାହକଙ୍କ କହିବା ଅନୁସାରେ ସେମାନେ ଗତ ୮ ତାରିଖରୁ ଗ୍ୟାସ ବୁକିଂ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସିଲିଣ୍ଡର ପାଇନାହାନ୍ତି। ସାଧାରଣ ଗ୍ରାହକଙ୍କୁ ଗ୍ୟାସ ଯୋଗାଣ ନ କରି କଳାବଜାରୀ କରାଯାଉଥିବା ଅଭିଯୋଗ ଉଠିଛି।

## ବିଶ୍ୱ ବକ୍ସିଂ, ହିପପ୍ ନୃତ୍ୟ ପ୍ରତିଯୋଗିତା



ବ୍ରହ୍ମପୁର, ୧୬।୩(ଅଶୋକ କୁମାର ସାହୁ)

ସ୍ଥାନୀୟ ମୋତି ହୋଟେଲରେ ବିଶ୍ୱ ବକ୍ସିଂ, ହିପପ୍ ଓ ଯୁଗଳବନ୍ଦୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହା ବିଶ୍ୱସ୍ତରୀୟ ପାଶ୍ଚାତ୍ୟ ନୃତ୍ୟ ପ୍ରତିଯୋଗିତା କୁହାଯାଉଥିବାବେଳେ ବ୍ରହ୍ମପୁରରେ ଏହା ପ୍ରଥମ ଥର ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତାକୁ ହୋଟେଲ ମୋତି, ସମୀର ପ୍ଲାଜା ଓ ଚାମ୍ବଲର ମୋର୍ଚ୍ଚେର ସ୍ପନସର କରିଥିଲେ। ରବୀନ୍ଦ୍ର ନାୟକ ଓ ତାଙ୍କ ସାଥି ଏହାକୁ ପରିଚାଳନା କରିଥିଲେ। ଶ୍ରୀଧର ସାହୁ, ଗୋପାଳ ଓ ରାଜା ପ୍ରମୁଖ ସହଯୋଗ କରିଥିଲେ। ୟୁଏସଏର ଡ୍ୟାନ୍ସଫୋରମ ପର୍ଫି ପକ୍ଷରୁ ଏଭଳି ନୃତ୍ୟ ପ୍ରତିଯୋଗିତା ହେଉଛି। ଉକ୍ତ ପ୍ରତିଯୋଗିତାରେ ୪୭ ପ୍ରତିଯୋଗୀ ଯୋଗଦେଇଥିବାବେଳେ ଏଥିରେ ବ୍ରହ୍ମପୁରର ରବୀନ୍ଦ୍ର ଥିଲେ। ବାଙ୍ଗାଲୋର ଏଡିକ୍ସନ ବିଚାରକ ଥିଲେ। ଭୁବନେଶ୍ୱରର ଜ୍ୟୋତି ରଞ୍ଜନ ମହାରଣା ବିଜେତା ହୋଇଥିବାବେଳେ ଭୁବନେଶ୍ୱରର ଆୟାନ ରନର ହୋଇଥିଲେ। ଏନେଇ ରବୀନ୍ଦ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ୨୦୧୦ରୁ ବିଭିନ୍ନ ସ୍ଥାନରେ ସେ ଯୋଗଦେଇଛନ୍ତି। କିନ୍ତୁ ବ୍ରହ୍ମପୁରରେ ଥିବା ଯୁବ କଳାକାରଙ୍କୁ ନେଇ ଏକ କାର୍ଯ୍ୟକ୍ରମ କରିବା ଯୋଜନା ଥିଲା। ଏନେଇ ସମାଜିକ କର୍ମୀ ଏ.ସନ୍ତୋଷ ପାତ୍ରଙ୍କୁ ଭେଟିବା ପରେ ତାଙ୍କ ଉଦ୍ୟମରେ ଏଭଳି ପ୍ରତିଯୋଗିତା ହୋଇପାରିଥିବା ସେ କହିଛନ୍ତି। ଏନେଇ ସନ୍ତୋଷ ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଯୁବପିଢ଼ି ନୃତ୍ୟ ମାଧ୍ୟମରେ ଅନ୍ତର୍ଜାତୀୟ ପ୍ଲାଟଫର୍ମକୁ ଯାଉଥିବାରୁ ସେମାନଙ୍କ ନୃତ୍ୟ ଦକ୍ଷତା ବୃଦ୍ଧି ପାଇଁ ଏଭଳି ସହଯୋଗ କରାଯାଇଛି।

### ମୋହନା ସହରରେ ପାନୀୟ ଜଳ ସଙ୍କଟ

# ମିଳୁଛି ଦିନେ ଛଡ଼ା ଦିନେ ପାଣି

ମୋହନା, ୧୬।୩(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକରେ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ଲୋକେ ପାଣି ମୁନ୍ଦେ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସହରରେ ଦିନେ ଛଡା ଦିନେ ଲୋକଙ୍କୁ ପାଣି ମିଳୁଛି। ଏନେଇ ବହୁବାର ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଲିଖିତ ଭାବେ ଗ୍ରାମବାସୀ ଜଣାଇଥିଲେ ମଧ୍ୟ ଅବସ୍ଥାରେ ସୁଧାର ଆସିନି। ଜଳକଷ୍ଟ ଦୂର କରିବାକୁ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଖରା ଦିନେ ଲୋକଙ୍କୁ ଜଳକଷ୍ଟ ଭୋଗିବାକୁ ପଡୁଛି। ମୋହନା ସହରରେ ପାଖା ପାଖି ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ମୋହନା ଶିବ ମନ୍ଦିର ନିକଟସ୍ଥ ନଦୀ ପାର୍ଶ୍ୱରେ ବହୁ ପୁରୁଣା ଦୁଇଟି ଇଣ୍ଟେକ ୱାଲ ରହିଛି। ସେହି ୱାଲରୁ ନଦୀ ପାଣି କୌଣସି ଫିଲ୍ଟର ନ ହୋଇ ସହରକୁ ସପ୍ଲାଏ ହେଉଛି। ସେଠାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଫିଲଟର ଏବେ ଅଚଳ ହୋଇ ପଡିଛି। ଫଳରେ ବିଶୋଧନ



ପାନୀୟ ଜଳ ପାଇଁ ପାଇପ୍ ନିକଟରେ ଅପେକ୍ଷା କରିଥିବା ମହିଳା।

ହେଉ ନ ଥିବା ନଦୀ ପାଣି ସହର ବାସିନ୍ଦା ବ୍ୟବହାର କରୁଛନ୍ତି। ସହରର ନାରାୟଣ ନଗର ବାସିନ୍ଦାଙ୍କୁ ଏପର୍ଯ୍ୟନ୍ତ ସପ୍ଲାଏ ପାଣି ମିଳିନାହିଁ। ଏଠାରେ ଶତାଧିକ ପରିବାର ବସବାସ କରୁଥିବା ବେଳେ ଗୋଟିଏ ମାତ୍ର ସୋଲାର ମାଧ୍ୟମରେ ପିଇବା ପାଣି ଯୋଗାଣ ହେଉଛି। ସବୁଦିନ ମଧ୍ୟ ସୋଲାରରେ ପାଣି ଆସିପାରୁନି। ଫଳରେ ସାହି ବାସିନ୍ଦାଙ୍କୁ ପାଣି ନିଅଣ୍ଟ ହେଉଛି। ଅନେକ ସମୟରେ ପିଇବା ପାଣି ସଂଗ୍ରହକୁ ନେଇ ମହିଳାଙ୍କ ମଧ୍ୟରେ ଝଗଡ଼ା ହେଉଥିବା ଦେଖିବାକୁ ମିଳୁଛି। ସହରର କଲେଜ ରୋଡ, ମାଣିକେଶରୀ ସାହି, ସନ୍ତୋଷୀ ନଗର, ପାତ୍ର ସାହି, ବାରି ସାହି କଣ୍ଟେଇକୋଳି ଓ ଶ୍ରୀରାମ ନଗରରେ ପାନୀୟ ଜଳ ସମସ୍ୟା ରହିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ବିଡ଼ିଓଙ୍କୁ ସମସ୍ୟା ନେଇ ଅବଗତ କରିଥିବା କହିଛନ୍ତି। ପାନୀୟ ଜଳ ସମସ୍ୟା ଦୂର ପାଇଁ ପ୍ରଶାସନକୁ ୬୦ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ନିର୍ମାଣ କରିବାକୁ ଇଷ୍ଟିମେଟ ପ୍ରଦାନ କରାଯାଇଛି। ଯଦି ଏହା ହୁଏ ତେବେ ପାନୀୟ ଜଳ ସଙ୍କଟ ଦୂର ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ନବ ଭାରତ ସାକ୍ଷରତା ମୂଲ୍ୟାୟନ କାର୍ଯ୍ୟକ୍ରମ

ବାଲିଗୁଡ଼ା, ୧୬।୩ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକରେ ନବ ଭାରତ ସାକ୍ଷରତା ମୂଲ୍ୟାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଇଓ ଆଲୋକ ପ୍ରଧାନ, ଗୋଷ୍ଠୀ ଶିକ୍ଷା ସାଧନକେନ୍ଦ୍ର ସଂଯୋଜକ ଚୈତନ୍ୟ କହଁର ଓ ଏବିଇଓ ହରିହର ମଲିକଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଏଥିରେ ବ୍ଲକର ୧୧ଟି କ୍ଲଷ୍ଟରରେ ୩୦ଟି ମୂଲ୍ୟାୟନ କେନ୍ଦ୍ରରେ ୩୨୨ଜଣ ପୁରୁଷ ଓ ୮୮୩ ଜଣ ମହିଳାଙ୍କ ସମେତ ମୋଟ ୧୨୦୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି।

# ଭୂତକୋଠି ପାଲଟିଛି ଶିକ୍ଷକ ନିବାସ

ଖଜୁରିପଡ଼ା, ୧୬।୩(ବିଦୁର ବେହେରା)

ଖଜୁରିପଡା ବ୍ଲକ୍ ବଲସକୁମ୍ପା ଅଞ୍ଚଳରେ ଥିବା ପୁରାତନ ଶିକ୍ଷକ ନିବାସ ଏବେ ସମ୍ପୂର୍ଣ୍ଣ ଭଗ୍ନ ଅବସ୍ଥାରେ ରହିବା ସହ ଏକ ଭୂତକୋଠିରେ ପରିଣତ ହୋଇଛି। ପୂର୍ବରୁ ଏହି ଶିକ୍ଷକ ନିବାସରେ ଶିକ୍ଷକମାନେ ରହି ନିକଟସ୍ଥ ବଲସକୁମ୍ପା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଥିଲେ। ଦୂରଦୂରାନ୍ତରୁ ଆସୁଥିବା ଶିକ୍ଷକମାନଙ୍କ ପାଇଁ ଏହା ଏକ ନିରାପଦ ଆଶ୍ରୟସ୍ଥଳୀ ସାଜିଥିଲା। ମାତ୍ର ଦୀର୍ଘ ଦିନ ଧରି ଏହାର ମରାମତି ନ ହୋଇ ବ୍ୟବହାର ହେଉ ନ ଥିବା ଯୋଗୁଁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଚାରିଆଡ଼େ ଅନାବନା ଗଛଲତା ମାଡ଼ିଯିବା ସହ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଛପର ସବୁ ଭାଙ୍ଗି ଶୋଚନୀୟ ଅବସ୍ଥାରେ ଅଛି। ସ୍ଥାନୀୟ ମା' ଇଷ୍ଟଦେବୀ ଯୁବକଳା ପରିଷଦ ଯୁବକ ସଂଘର ସମ୍ପାଦକ ବିଦୁର ବେହେରା କହିଛନ୍ତି ଯେ, ଶିକ୍ଷକମାନେ ସ୍କୁଲ ପାଖରେ ରହିଲେ ଛାତ୍ରୀଛାତ୍ରମାନେ ସ୍କୁଲ ସମୟ ପରେ ମଧ୍ୟ ସେମାନଙ୍କ ଠାରୁ ପାଠ ପଢ଼ିବା ବା ଟିୟୁଶନ ସୁବିଧା ପାଇପାରନ୍ତେ। ବିଶେଷ କରି ଗରିବ ଶ୍ରେଣୀର ପିଲାମାନେ ଯେଉଁମାନେ ବାହାରେ ଟଙ୍କା ଦେଇ ଟିୟୁଶନ ହୋଇ ପାରୁନାହାନ୍ତି। ବାସଗୃହର ଅଭାବ ଯୋଗୁ ଶିକ୍ଷକମାନେ ସ୍କୁଲ ଛୁଟି ପରେ ଫୁଲବାଣୀ ସହରରେ ଯାଇ ରହୁଛନ୍ତି। ଫଳରେ ପିଲାମାନେ ମାର୍ଗଦର୍ଶନରୁ ବଞ୍ଚିତ ହେଉଛନ୍ତି। ଯଦି ପ୍ରଶାସନ ତରଫରୁ ଏହି ପୁରୁଣା କୋଠାକୁ ଭାଙ୍ଗି ସେଠାରେ ଏକ ନୂତନ ଗୃହ ନିର୍ମାଣ କରାଯାନ୍ତା ତେବେ ଏହା ଶିକ୍ଷା ଅନୁଷ୍ଠାନର ବହୁବିଧ କାର୍ଯ୍ୟରେ ଲାଗିପାରନ୍ତା। ନୂତନ ଘର ହେଲେ ଶିକ୍ଷକମାନେ ପୁଣିଥରେ ସେଠାରେ ରହିବା ସହ ଶିକ୍ଷାଦାନରେ ମନୋନିବେଶ କରିପାରନ୍ତେ। ଏହି ଭୂତକୋଠିକୁ ହଟାଇ ନୂଆ ଘର ତିଆରି କଲେ ପିଲାମାନେ ଶିକ୍ଷକମାନଙ୍କ ପାଖରୁ ଅଧିକ ପାଠପଢ଼ିବାର ସୁଯୋଗ ପାଇ ପାରନ୍ତେ। ଏହା ବଲସକୁମ୍ପା ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିପାରନ୍ତା ବୋଲି ସ୍କୁଲ ଏସ୍‌ଏମ୍‌ସି ସଭାପତି ପ୍ରଫୁଲ୍ଲ ବେହେରା ଏବଂ ପଞ୍ଚ ସଖା ଶିକ୍ଷା ସେତୁ ସଭାପତି ଭଗବାନ ଗୁରୁ କହିଛନ୍ତି।

## ହିନ୍ଦୁ ସମାଜର ସୁରକ୍ଷା, ସେବାକାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ

ବୁଗୁଡ଼ା, ୧୬।୩(କାଳିଚରଣ ଦାଶ)

ବୁଗୁଡ଼ା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପୂର୍ବ ପ୍ରାନ୍ତ ସହସମ୍ପାଦକ ଅରୁଣ କୁମାର ପାଢୀ, ବଜରଙ୍ଗ ଦଳର ଓଡ଼ିଶା ପୂର୍ବ ପ୍ରାନ୍ତ ସହସଂଯୋଜକ ରାଜୀବ ନେତ୍ର ଖାଡ଼ଙ୍ଗା ଏବଂ ଗଞ୍ଜାମ ଜିଲା ବିଶ୍ୱହିନ୍ଦୁ ପରିଷଦର ଉପସଭାନେତ୍ରୀ ମହେଶ୍ୱରୀ ଦୋରା ପ୍ରମୁଖ ଯୋଗଦେଇ ମିଳିତ ସଙ୍ଗଠନକୁ ତୃଣମୂଳସ୍ତରରେ ଶକ୍ତିଶାଳୀ କରିବା ସହ ହିନ୍ଦୁ ସମାଜର ସୁରକ୍ଷା ଏବଂ ସେବାକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ବଜରଙ୍ଗ ଦଳର ଘୁମୁସର ଜିଲା ସଂଯୋଜକ ଭାବେ ଚନ୍ଦନ କୁମାର ସ୍ୱାଇଁ ଏବଂ ବିଶ୍ୱ ହିନ୍ଦୁ ପରିଷଦର ଘୁମୁସର ଜିଲା ସହସମ୍ପାଦକ ଭାବେ ରାଜ କିଶୋର ଭୋସଲେଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ବୁଗୁଡ଼ା ନଗର ପାଇଁ ସଂଯୋଜକ ଭାବେ ସ୍ୱାଧୀନ ନନ୍ଦ, ସହସଂଯୋଜକ ଭାବେ ମଦନ ମୋହନ ପାଢୀ ଓ ଶୁଭମ୍ ଦଳେଇ, ଗୋରକ୍ଷକ ଭାବେ ଦଣ୍ଡିଆ ସାହୁ, ସହ ଗୋରକ୍ଷକ ଭାବେ କାଳିଆ ପାତ୍ର ଓ ହରି ପାତ୍ର, ବିଦ୍ୟାର୍ଥି ସଂଗ୍ରାମ ଦାସ, ସୁରକ୍ଷା ପ୍ରହଲ୍ଲାଦ ସାସମଲ, ସହ ସୁରକ୍ଷା ହର ପ୍ରସାଦ ସାହୁଙ୍କୁ କାର୍ଯ୍ୟକର୍ତ୍ତା ଭାବେ ଚୟନ କରାଯାଇଥିଲା। ଅନ୍ୟପକ୍ଷରେ ସୋରେନ କୁମାର ପ୍ରଧାନଙ୍କୁ ଜିଲା ସୋସିଆଲ ମିଡିଆ ପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସଂଗଠନର ସୁଦୃଢ଼ୀକରଣ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଗଜପତି ଜିଲାର ୪ ବ୍ଲକରେ ରବର ଚାଷ

ପାରଳାଖେମୁଣ୍ଡି, ୧୬।୩(ଗିରିଧାରୀ ପରିଚ୍ଛା)

ରବର ଚାଷ ପାଇଁ ଗଜପତି ଜିଲାର ସୁନାମ ରହିଛି। ପାହାଡିଆ ଅଞ୍ଚଳରେ ରବର ଚାଷ କରି ଚାଷୀ ବେଶ୍ ଉପକୃତ ହେଉଛନ୍ତି। ଜିଲାର ଗୁମ୍ମା, ମୋହନା, କାଶୀନଗର, ଗୋଷାଣୀ ବ୍ଲକରେ ଚାଷୀ ରବର ଚାଷ କରୁଥିବା ବେଳେ ସେମାନଙ୍କ ରବରର ଚାହିଦା ବେଶ୍ ରହିଛି। ଏହି ରବରକୁ ନେବା ପାଇଁ କଲିକତାର ବିର୍ଲା ଟାୟର, କଳାହାଣ୍ଡିର ବଂଶଲ ଟାୟାର, ନ୍ୟାଶନାଲ ଟାୟର, ହାଇଦ୍ରାବାଦର ହିନ୍ଦୁସ୍ଥାନ ଟାୟାର ଭଳି କମ୍ପାନୀ ଜିଲାର ଚାଷୀଙ୍କଠାରୁ ରବର କ୍ରୟ କରି ନେଇଥାନ୍ତି। ଜିଲାରେ ରବର ବୋର୍ଡ ସହଯୋଗରେ ୧୯୯୯ରେ ଗୁମ୍ମା ବ୍ଲକର ମୁନୁସିଂ ସୁକେଇ, କିନ୍ତେ ସିଂ, ଆବୁ ସିଂ, ବାରୁ ସିଂ ପ୍ରମୁଖ ଚାଷୀ ତରଭା, ମୁଞ୍ଜୁଲି, ଖୋଲାବାଡ଼, ସାନ ଓ ବଡ ତବରା, ବୁରୁଡିଂ ଆଞ୍ଚଳରେ ରବର ଚାଷ ଆରମ୍ଭ କରିଥିଲେ। ଜିଲାରେ ଏବେ ୨ହଜାରରୁ ଅଧିକ ହେକ୍ଟର ଜମିରେ



ଧୂଆଁ ଘରେ ରଖାଯାଇଥିବା ରବର ।

ରବର ଚାଷ ହେଉଛି। ଚାଷୀ ହେକ୍ଟର ପିଛା ୨ଲକ୍ଷ ଟଙ୍କା ଲାଭ ପାଉଛନ୍ତି। ଜିଲା ରବର ବୋର୍ଡ ଏ ଦିଗରେ ଚାଷୀଙ୍କୁ ବୈଷୟିକ ସହାୟତା ଯୋଗାଇ ଦେଉଛି। ରବର ଚାଷରେ ରବର ଗଛ ଲଗାଇବାର ୭ବର୍ଷ ପରେ ତାର ଗଛରୁ ସୂର୍ଯ୍ୟ ଉଦୟ ପୂର୍ବରୁ ରବର ଲ୍ୟୁକଇଡ଼ ବାହାର କରାଯାଏ। ପରେ ଏହାକୁ ଏକ ଓସାରିଆ ପାତ୍ରରେ ରଖାଯାଇଥାଏ। ମେଶିନ ମାଧ୍ୟମରେ ପେସା ଯାଇ ରବର ଶିଟ୍ ବାହାର କରାଯାଏ। ଏହି ଶିଟକୁ ନେଇ ଧୂଆଁ ଘରେ ଶୁଖାଇ ପରେ ବାହାରେ ଶୁଖାଯାଇଥାଏ। ପରେ ଏହାକୁ ସଂଗ୍ରହ କରି ବିଭିନ୍ନ କମ୍ପାନୀକୁ ବିକ୍ରି କରାଯାଇଥାଏ। ଅନ୍ୟପକ୍ଷରେ ଗୋଟିଏ ଗଛକୁ ୭ ବର୍ଷ ଯତ୍ନ ନେଲେ ସେଥିରୁ ୩୫ ରୁ ୪୦ ବର୍ଷ ପର୍ଯ୍ୟନ୍ତ ରବର ଆଦାୟ ହୋଇଥାଏ। ଗଛଟି ଶୁଖିଯିବା ପରେ ଏହାକୁ ବିଭିନ୍ନ ଫର୍ଣ୍ଣିଚର କରିବାରେ ବ୍ୟବହାର କରାଯାଇଥାଏ। ଏ ସମ୍ପର୍କରେ କ୍ଷେତ୍ରୀୟ ଅଧିକାରୀ ସନାତନ ସେଠୀଙ୍କୁ ପଚାରିବାରୁ ସେ କହିଲେ, ରବର ଚାଷ ପାଇଁ ଗଜପତି ଜିଲାର ଅନ୍ୟ ଅଞ୍ଚଳର ଚାଷୀମାନେ ମଧ୍ୟ ରବର ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଆଗାମୀ ଦିନରେ ଗୁମ୍ମା, ରାୟଗଡ ଓ କାଶୀନଗର ବ୍ଲକରେ ଶହେ ଏକରରୁ ଉର୍ଦ୍ଧ୍ୱ ଜମିରେ ରବର ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ରବର ଚାଷ କରିବା ଦ୍ୱାରା ଜଳବାୟୁରେ ପରିବର୍ତ୍ତନ ହେବା ସହ ଏକ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ ବୋଲି ସେଠୀ କହିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନରେ ଯାଜପୁର ପଛୁଆ

ଯାଜପୁର,୧୬।୩ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍ଏସ୍ଇପିଡି) ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ (ବିବିଏସ୍ଏ) ଶିବିର ଆୟୋଜିତ ହେଉଛି। ଭିନ୍ନକ୍ଷମମାନଙ୍କୁ ସଶକ୍ତ କରିବା ସହ ସମାନତା, ନ୍ୟାୟ ଏବଂ ମର୍ଯ୍ୟାଦା ଦେବା ଏହି ଯୋଜନାର ଲକ୍ଷ୍ୟ। ବିବିଏସ୍ଏ ଯୋଜନା ଅଧୀନରେ ପ୍ରତ୍ୟେକ ବ୍ଲକରେ ବର୍ଷକୁ ୨ଥର ସାମର୍ଥ୍ୟ ଶିବିର ଆୟୋଜନ କରାଯାଇ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ବିଭିନ୍ନ ଉପକରଣ ବଣ୍ଟନ କରାଯାଉଛି। ହେଲେ ୨୦୨୫-୨୬ ବର୍ଷର ୫।୩।୨୦୨୬ ସୁଦ୍ଧା ଯାଜପୁର ଜିଲାରେ ମାତ୍ର ୧୨.୫% ସାମର୍ଥ୍ୟ ଶିବିର ଆୟୋଜନ ହୋଇଛି। ଫଳରେ ଏହି ଜିଲା ସାରା ରାଜ୍ୟ ତାଲିକାରେ ସର୍ବନିମ୍ନ ରହିଛି। ଏଥିରୁ ଭିନ୍ନକ୍ଷମମାନଙ୍କ ପ୍ରତି ଯାଜପୁର ଜିଲା ପ୍ରଶାସନର ଆନ୍ତରିକତା କେତେ, ତାହା ଜଳଜଳ ହୋଇ ଦିଶୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଏସ୍ଏସ୍ଇପିଡି ବିଭାଗ ପକ୍ଷରୁ ପ୍ରିନ୍ସିପାଲ ସେକ୍ରେଟାରି ସୁରେଶ କୁମାର ବଶିଷ୍ଠ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଚଳିତବର୍ଷର ଅବଶିଷ୍ଟ ସମୟ ମଧ୍ୟରେ ଯଥାସମ୍ଭବ ଅଧିକ ଶିବିର ପରିଚାଳନା କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ସୁନ୍ଦରଗଡ ଜିଲା ପ୍ରଶାସନ ୭୩.୮୧% ସାମର୍ଥ୍ୟ ଶିବିର ଆୟୋଜନ କରି ରାଜ୍ୟରେ ସର୍ବାଗ୍ରେ ରହିଛି।

ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଦକ୍ଷତା ଏବଂ କ୍ଷମତା ଆଧାରରେ ସମାଜରେ ସେମାନଙ୍କୁ ମୁଖ୍ୟଧାରାରେ ସାମିଲ କରିବା ଉପରେ ଅନେକ ଯୋଜନା ପ୍ରଣୟନ କରାଯାଉଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଆଇନ-୨୦୧୬ ରାଷ୍ଟ୍ରପତିଙ୍କ ଦ୍ୱାରା ୨୭ ଡିସେମ୍ବର



୨୦୧୬ରେ ଅନୁମୋଦନ ପାଇଛି। ଏହି ଆଇନରେ ଶିକ୍ଷା, ନିଯୁକ୍ତି, ପ୍ରତିବନ୍ଧକ ମୁକ୍ତ ପରିବେଶ ସୃଷ୍ଟି, ସାମାଜିକ ସୁରକ୍ଷା ଇତ୍ୟାଦି ପାଇଁ ବ୍ୟବସ୍ଥା ହୋଇଛି। ତେବେ ଏହି ଆଇନର ସେବା ପାଇବା ପାଇଁ ପ୍ରମାଣପତ୍ର ଅଭାବରୁ ଭିନ୍ନକ୍ଷମ ବ୍ୟକ୍ତିମାନେ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ସେହିପରି ପର୍ଯ୍ୟାପ୍ତ ସହାୟକ ଉପକରଣର ଅଭାବ ରହିଛି। ତେଣୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଆବଶ୍ୟକ ଉପକରଣ ବଣ୍ଟନ ଓ ସଚେତନତା ଲକ୍ଷ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଯାଜପୁର ଜିଲାରେ ଚଳିତବର୍ଷ ୨୪ଟି ଶିବିର ଆୟୋଜନ କରିବାର ଲକ୍ଷ୍ୟଧାର୍ଯ୍ୟ ହୋଇଥିଲେ ହେଁ ମାତ୍ର ୩ଟି ସମ୍ଭବ ହୋଇପାରିଛି। ଏଥିରେ ୧୦୪୧ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିବାବେଳେ ୮୫୦ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି। ରାଜ୍ୟରେ ସର୍ବାଗ୍ରେ ଥିବା ସୁନ୍ଦରଗଡ଼ ଜିଲାରେ ୪୨ରୁ ୩୧ ଶିବିର ଆୟୋଜିତ ହୋଇଥିବାବେଳେ ସେଥିରେ ୫୨୫୪ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଛନ୍ତି। ସେଥିରୁ ୫,୨୦୪ ଜଣଙ୍କୁ ବିଭିନ୍ନ ସହାୟତା ବଣ୍ଟନ କରାଯାଇଛି। ଅନ୍ୟପକ୍ଷେ ଗଞ୍ଜାମ ୨୬.୨୫%, ବାଲେଶ୍ୱର ୨୮.୧୩%, କଟକ ୩୦.୫୬%, ନୂଆପଡ଼ା ୩୧.୨୫%, ଝାରସୁଗୁଡ଼ା ୩୧.୨୫%, ବଲାଙ୍ଗୀର ୩୧.୫୮%, ମୟୂରଭଞ୍ଜ ୩୧.୬୭%, ଭଦ୍ରକ ୩୧.୮୨%, ସୋନପୁର ୩୩.୩୩%, ଢେଙ୍କାନାଳ ୩୩.୩୩%, ସମ୍ବଲପୁର ୩୭.୫%, ଦେବଗଡ ୩୭.୫%, କେନ୍ଦୁଝର ୩୮.୮୯%, ଜଗତ୍‌ସିଂହପୁର ୪୦%, କେନ୍ଦ୍ରାପଡ଼ା ୪୦.୯୧%, ପୁରୀ ୪୩.୩୩%, ଖୋର୍ଦ୍ଧା ୪୩.୩୩% ଓ ରାୟଗଡ଼ା ଜିଲାରେ ୪୬.୪୩% ଶିବିର ଆୟୋଜନରେ ୫୦% କମ୍ ସଫଳତା ପାଇଥିବାରୁ ଏସ୍ଏସ୍ଇପିଡି ବିଭାଗ ପକ୍ଷରୁ ଲାଲ ତାଲିକାଭୁକ୍ତ କରାଯାଇଛି।

# ବିଞ୍ଝାରପୁର ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



ଶିବିରରେ ଜିଲାପାଳ ଅମ୍ବର କୁମାର କର ଅଭିଯୋଗ ଗ୍ରହଣ କରୁଛନ୍ତି।

ବିଞ୍ଝାରପୁର,୧୬।୩(ରାମକୃଷ୍ଣ ଦାସ):

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ବିଞ୍ଝାରପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଅମ୍ବର କୁମାର କର ଯୋଗଦେଇ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ, ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ।
ଶିବିରରେ ୧୦୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୦୪, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୧, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪ ଅଭିଯୋଗର ଶୁଣାଣି କରାଯାଇଥିଲା। ୪ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ ଓ ତହସିଲଦାର କାବେରୀ ମୁଦୁଲିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଗ୍ୟାସ ଯୋଗାଣ ସ୍ଥିତି ସମୀକ୍ଷା କଲେ ଜିଲାପାଳ



ବିତରକ ସଂସ୍ଥା କର୍ମଚାରୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

ଯାଜପୁର,୧୬।୩(ହର୍ଷବର୍ଦ୍ଧନ ବେହେରା):

ଏଲପିଜି ଯୋଗାଣରେ ଥିବା ସମସ୍ୟା ଏବଂ ଏଲପିଜି ସିଲିଣ୍ଡର ଷ୍ଟକ୍‌ର ସ୍ଥିତି ସମୀକ୍ଷା କରିଛନ୍ତି ଯାଜପୁର ଜିଲାପାଳ ଅମ୍ବର କୁମାର କର। ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଜିଲାରେ ପ୍ରାୟ ୩ ଲକ୍ଷ ୭୭ ହଜାରରୁ ଅଧିକ ଉପଭୋକ୍ତା ଅଛନ୍ତି। ଏଲପିଜି ସିଲିଣ୍ଡର ବିତରଣ ଯେଭଳି ସୁରୁଖୁରୁରେ ହୋଇପାରିବ, ସେ ନେଇ ଜିଲାପାଳ କର ବିଭାଗୀୟ ଅଧିକାରୀ ଏବଂ ଗ୍ୟାସ ବିତରକମାନଙ୍କ ସହ ଆଲୋଚନା କରିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ତୈଳ ଓ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଏଲପିଜି ଅଭାବ ନେଇ ସାମାଜିକ ଗଣମାଧ୍ୟମରେ ପ୍ରସାର ହେବା ପରେ, ଲୋକେ ଭୟଭୀତ ହୋଇ ଆଗୁଆ ଗ୍ୟାସ ସିଲିଣ୍ଡର ବୁକିଂ କରିଥିଲେ। ଏତେ ସଂଖ୍ୟକ ବୁକିଂ ଯୋଗୁ ସିଷ୍ଟମ ସର୍ଭର ଉପରେ ଚାପ ପଡ଼ିଥିଲା। ସେହିପରି ଇ-କେୱାଇସି ଏବଂ ଓଟିପି ଡେଲିଭରୀ ବ୍ୟବସ୍ଥା ପାଇଁ ସମସ୍ୟା ଉପୁଜିଥିଲା ବୋଲି ଗ୍ୟାସ ବିତରକ ସଂସ୍ଥାମାନେ ଜିଲାପାଳଙ୍କୁ ଜଣାଇଥିଲେ। ବର୍ତ୍ତମାନ ସ୍ଥିତିରେ ସୁଧାର ଆସିଛି ବୋଲି ସେମାନେ କହିଥିଲେ। ଏହି ସମୀକ୍ଷା ବୈଠକରେ ଜିଲା ଯୋଗାଣ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ, ଏମଆଇ, ଓଏଲ କମ୍ପାନୀର ସେଲ୍ସ ଅଫିସର, ଗ୍ୟାସ ରିଟେଲର୍ ଏବଂ ବିତରକମାନେ ଯୋଗ ଦେଇଥିଲେ।

# ନୀଳାଚଳ ଇସ୍ପାତ ସମ୍ପ୍ରସାରଣକୁ ପରିବେଶ ମଞ୍ଜୁରୀ

କଳିଙ୍ଗନଗର,୧୬।୩ (ଶୁଭାଶିଷ ରାଉତ):

ଓଡ଼ିଶାର ଇସ୍ପାତ ଶିଳ୍ପ ଜଗତରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ(ଏନ୍ଆଇଏନ୍ଏଲ୍) ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ୧ ଏମ୍‌ଟିପିଏ (ମିଲିୟନ ଟନ୍ସ ପର ଆନମ)ରୁ ୪.୮ ଏମ୍‌ଟିପିଏକୁ ବୃଦ୍ଧି କରିବା ପାଇଁ ତାର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ପରିବେଶ ମଞ୍ଜୁରୀ ପ୍ରାପ୍ତ କରିଛି। ଜୁଲାଇ ୨୦୨୨ରେ ଟାଟା ଷ୍ଟିଲ ଦ୍ୱାରା ଅଧିଗ୍ରହଣ ହେବାପରଠାରୁ, ଏହି ପ୍ଲାଣ୍ଟ ମାତ୍ର ୧୦୦ ଦିନ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ ହୋଇ ଏକ ବର୍ଷରୁ କମ ସମୟ ମଧ୍ୟରେ ଏହାର ପୂର୍ଣ୍ଣ ଉତ୍ପାଦନ କ୍ଷମତା ହାସଲ କରି ସଫଳତାର ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି।



ଏହି ସମ୍ପ୍ରସାରଣ ଯୋଜନାରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଇସ୍ପାତ ଉତ୍ପାଦନ ବ୍ୟବସ୍ଥା ନିର୍ମାଣ କରାଯିବ। ଏଥିରେ କୋକ ଓଭନ ଏବଂ ବାଏ-ପ୍ରଡକ୍ଟ ପ୍ଲାଣ୍ଟ, ସିଣ୍ଟର୍ ପ୍ଲାଣ୍ଟ, ଏକ ନୂତନ ବ୍ଲାଷ୍ଟ ଫର୍ଣ୍ଣେସ, ରିବାର୍ ମିଲ, କଏଲ ମିଲ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏକ ୱାୟାର୍ ରଡ ମିଲ ଅନ୍ତର୍ଭୁକ୍ତ ରହିଛି। ଏହାବ୍ୟତୀତ ଡିସଲଫ୍ୟୁରାଇଜେସନ ୟୁନିଟ, ଲାଇମ କ୍ୟାଲସିନେସନ ପ୍ଲାଣ୍ଟ ଏବଂ କାରଖାନା ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟୁତ୍ ପ୍ରକଳ୍ପ ମଧ୍ୟ ସ୍ଥାପନ କରିବ। ଉତ୍ପାଦନ ଦକ୍ଷତା ବୃଦ୍ଧି ସହ ପରିବେଶ ରକ୍ଷା ପାଇଁ କମ୍ପାନୀ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଇଲେକ୍ଟ୍ରୋଷ୍ଟାଟିକ ପ୍ରେସିପିଟେଟର୍ସ, ସାଇକ୍ଲୋନ ସେପାରେଟର୍ସ, ଡ୍ରାଏ-ଫଗ ସିଷ୍ଟମ, ବ୍ୟାଗ ଫିଲ୍ଟର୍ ଏବଂ ଯାନ୍ତ୍ରିକ ଜଳ ସିଞ୍ଚନ ଭଳି ଉନ୍ନତ ପ୍ରଦୂଷଣ ନିରୋଧକ ବ୍ୟବସ୍ଥା ଗ୍ରହଣ କରିବ। ଏହି ସମ୍ପ୍ରସାରଣ କଳିଙ୍ଗନଗର ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାଦ୍ୱାରା ଅନୁଷଙ୍ଗିକ ଶିଳ୍ପ, ସେବା ପ୍ରଦାନକାରୀ ସଂସ୍ଥା ଏବଂ ପରିବହନ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହା ସ୍ଥାନୀୟ ଅର୍ଥନୀତିକୁ ଜାତୀୟ ତଥା ବିଶ୍ୱସ୍ତରୀୟ ଇସ୍ପାତ ବଜାର ସହ ଯୋଡ଼ିବ। ଦ୍ୱିତୀୟ ପର୍ଯ୍ୟାୟରେ କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୯.୫ ଏମଟିପିଏକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏହି ଅଞ୍ଚଳ ପାଇଁ ଅଧିକ ଆର୍ଥିକ ସୁଯୋଗ ଆଣିଦେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

କୁଜଙ୍ଗ,୧୬।୩ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା କଟକ-ପାରାଦୀପ ରାସ୍ତାର ୧୫ ନମ୍ବରଠାରେ ରବିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଜଙ୍ଗ ଥାନା ବାଗୋଇ ଗ୍ରାମର ବିଶ୍ୱଜିତ ବେହେରା(୨୭)। ବିଶ୍ୱଜିତ ରାତି ପ୍ରାୟ ସାଢେ ୧୧ଟାରେ କାମ ସାରି ପାରାଦୀପରୁ ଘର ଅଭିମୁଖେ ବାଇକ୍ ନଂ. ଓଡ଼ି ୧୪ ୱାଇ ୮୮୦୩ ଯୋଗେ ଫେରୁଥିବାବେଳେ ହଂସ ନିକଟରେ ଏକ ଅଜଣା ଗାଡ଼ି ଦ୍ରୁତଗତିରେ ଆସି ଧକ୍କା ଦେଇ ପଳେଇ ଯାଇଥିଲା। ଫଳରେ ବିଶ୍ୱଜିତ ବାଇକ୍‌ରୁ ଛିଟିକି କିଛି ଦୂରରେ ପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପଛପଟ ଖପୁରୀ ଉଠି ଯାଇଥିଲା। ଖବରପାଇ ଦେବଦୁତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ ଓ ଅନ୍ୟତମ କାର୍ଯ୍ୟକର୍ତ୍ତା ପ୍ରଭାତ ବେହେରା ଘଟଣାସ୍ଥଳରେ ପହଞ୍ଚି ପୋଲିସ, ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଅନ୍ୟ ଏକ ଗଛ କଟା କାମରେ ବ୍ୟସ୍ତଥିବାରୁ ଥାନାଧିକାରୀ ବଂଶୀଧର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ୧୧୨ ଗାଡ଼ି ଯୋଗେ ଦୁର୍ଘଟଣାଗ୍ରସ୍ତ ବିଶ୍ୱଜିତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତ ବିଶ୍ୱଜିତଙ୍କ ଦାଦା ଟୁକୁନା ବେହେରା ସୋମବାର ସକାଳୁ ପୋଲିସରେ ଅଭିଯୋଗ କରିବାରେ କୁଜଙ୍ଗ ଥାନା ପକ୍ଷରୁ ନଂ. ୮୪/୨୬ରେ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଛି। ମୃତଦେହକୁ ପୋଲିସ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ତଦନ୍ତକାରୀ ଅଧିକାରୀ ପ୍ରମୋଦ ଉଦୟ ସିଂ କହିଛନ୍ତି। ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ବିଶ୍ୱଜିତଙ୍କ ସତ୍କାର କରାଯାଇଥିଲା। ସୂଚନାଯୋଗ୍ୟ, ବିଶ୍ୱଜିତ ଛୋଟ ଥିବାବେଳେ ତାଙ୍କ ରୋଗଗ୍ରସ୍ତ ବାପାଙ୍କ ଅକାଳ ମୃତ୍ୟୁ ହୋଇଥିଲା। ବିଶ୍ୱଜିତ ୨ ବର୍ଷ ପୂର୍ବେ ବିବାହ କରିଥିବାବେଳେ ତାଙ୍କର ଏକ ବର୍ଷର ପୁଅ ମଧ୍ୟ ଅଛି। ବିଶ୍ୱଜିତଙ୍କ ସ୍ତ୍ରୀ, ପୁଅ, ସାନ ଭାଇ ଓ ମା' ଏବେ ରୋଜଗାରିଆ ପୁଅକୁ ହରାଇ ବେସାହାରା ହୋଇ ପଡ଼ିଛନ୍ତି। ତୁରନ୍ତ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଠାବ କରିବା ପାଇଁ ସାଧାରଣରେ ଦାବି ହେଉଛି।



ବୁଢ଼ାକେନ୍ଦୁଆ ଦଶଦୋଳ ମେଳଣରେ ସାମିଲ ହୋଇଥିବା ବିମାନ।

# ବୁଢ଼ାକେନ୍ଦୁଆ ଦଶଦୋଳ ମେଳଣ ଉଦ୍‌ଯାପିତ

ବଡ଼ଚଣା,୧୬।୩(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ସମିଆଁ ପଞ୍ଚାୟତ ବୁଢ଼ାକେନ୍ଦୁଆଠାରେ ଦ୍ୱିତୀୟ ବାର୍ଷିକ ଦଶଦୋଳ ମେଳଣ ସୋମବାର ଅନୁଷ୍ଠିତ ହୋଇଯାଇଛି। ମେଳଣରେ ଥାନପତିଭାବେ ତିଳପଦା ଗ୍ରାମର ବିମାନ ସହ ରାଣୀବନ୍ଦୀ, ଉଡୁମରା, ଖଣ୍ଡିଆବନ୍ଦୀ, କେଶରପଡ଼ା, ମହାଖଳା ଆଦି ବିଭିନ୍ନ ଗ୍ରାମର ୧୦ ବିମାନ ଭଜନ କୀର୍ତ୍ତନ ଓ ବାଜାବାଣ ରୋଷଣିରେ ଆସି ମେଳଣ ପଡିଆରେ ପହଞ୍ଚିଥିଲେ। ପଣ୍ଡିତ ଶୁକାନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ବିମାନରେ ଭୋଗ ଲାଗି କରାଯାଇଥିଲା। ମେଳଣ ପଡିଆରେ ମିନା ବଜାର ସହ ବିଭିନ୍ନ ଚଟପଟି ଖାଦ୍ୟର ବଜାର ବସିଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସମିଆଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କମିଟି ସଭାପତି ଯୁଗଳ କିଶୋର ଖିଲାର, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, କୋଷାଧ୍ୟକ୍ଷ ସଞ୍ଜୟ ଜେନାଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଓ କମିଟିର ସମସ୍ତ ସଭ୍ୟ ମେଳଣ ପରିଚାଳନା କରିଥିଲେ।

# ପିପିଏଲ ପରିସରରେ ଆତ୍ମରକ୍ଷା କୌଶଳ ଶିବିର

ପାରାଦୀପ, ୧୬।୩ (ଶରତ ରାଉତ)

ସ୍ଥାନୀୟ ପିପିଏଲ ଟାଉନସିପ୍ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ଆତ୍ମରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୧୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଶିକ୍ଷକ ଭାବେ ଖାରବେଳ ମଲ୍ଲିକ, କାହ୍ନୁ ମଲ୍ଲିକ, ଅମରଜ୍ୟୋତି ରାଉତ ପ୍ରମୁଖ ଥିଲେ। ରାଜ୍ୟସ୍ତରୀୟ ଶିବିର ପାଇଁ କେତେଜଣ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ପିପିଏଲ କମ୍ପାନୀ ସିଏମ୍‌ଓ ପାଲାନୀସ୍ୱାମି ଭେଲୁସ୍ୱାମି, ମାନବସମ୍ବଳ ଅଧିକାରୀ ସୁମିତ କୁମାର ସେନାପତି ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ।

# ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି

## ଉନ୍ନୟନ କାର୍ଯ୍ୟ ଠପ୍

ରସୁଲପୁର,୧୬।୩(ରଞ୍ଜିତ ରାଉତ):

ଯାଜପୁର ଜିଲା ରସୁଲପୁର ବ୍ଲକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ୨୦ଦିନ ହେଲା ଖାଲି ପଡିଛି। ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସବିତା ଧଳ କଟକ ଜିଲା ଆଠଗଡ ସ୍ଥିତ ଜଳସେଚନ ବିଭାଗକୁ ବଦଳି ହୋଇ ଯାଇଛନ୍ତି। ନିର୍ବାହୀ ଯନ୍ତ୍ରୀ ଧଳ ଫେବୃଆରୀ ୨୪ରୁ ବଦଳି ହୋଇ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଛାଡି ଦେଇଥିବାବେଳେ ଏଯାଏ ତାଙ୍କ ସ୍ଥାନରେ କେହି ଅଧିକାରୀ ଅବସ୍ଥାପିତ ହୋଇନାହାନ୍ତି। ଏଭଳି ସ୍ଥିତିରେ ବ୍ଲକର ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଉନ୍ନୟନ କାର୍ଯ୍ୟ ସମ୍ପନ୍ନ ହୋଇ ବିଲ ପୈଠ ପାଇଁ ସ୍ଥଗିତ ରହିଛି। ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁ ବିଲ୍‌ଗୁଡିକ ପାସ ହୋଇପାରୁ ନ ଥିବାରୁ କାର୍ଯ୍ୟରେ ନିୟୋଜିତ ଏଜେନ୍ସିମାନେ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଠିକାଦାର ବିଲ୍ ପାଇଁ ବ୍ଲକକୁ ଦୌଡାଦୌଡି କରି ନିରାଶ ହୋଇ ଫେରୁଛନ୍ତି। ବ୍ଲକ ଅଞ୍ଚଳରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ଜାରି ରହିଥିବା ଅଚଳାବସ୍ଥାକୁ ତୁରନ୍ତ ଦୂର କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଉନ୍ନୟନ କାର୍ଯ୍ୟ ସମ୍ପନ୍ନ କରି ବିଲ୍‌କୁ ଅପେକ୍ଷା କରିଥିବା ଏଜେନ୍ସି, ପଞ୍ଚାୟତର ଜନପ୍ରତିନିଧି ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଏହି ପଦବୀଟି ପ୍ରଥମ ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇଥିବାରୁ ଜିଲାପାଳଙ୍କ ସୁପାରିସ କ୍ରମେ ସରକାରଙ୍କ ଦ୍ୱାରା ପୂରଣ କରାଯାଇଥାଏ। ପଦବୀ ପୂରଣ ପାଇଁ ବିଡିଓ ସତ୍ୟାନନ୍ଦ ଦାଶ ଜିଲାପ୍ରଶାସନକୁ ଅବଗତ କରାଇଆସୁଛନ୍ତି। ହେଲେ ପଦବୀ ପୂରଣ ହୋଇ ପାରୁନାହିଁ। ବ୍ଲକରେ ଜାରି ରହିଥିବା ଅଚଳାବସ୍ଥାକୁ ନେଇ ବିଡିଓଙ୍କଠାରୁ ଆରମ୍ଭ କରି ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ଥିବା ସହକାରୀ ଓ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉନ୍ନୟନ କାର୍ଯ୍ୟରେ ନିୟୋଜିତ ଏଜେନ୍ସିଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏନେଇ ବ୍ଲକର ଯନ୍ତ୍ରୀ ସେକ୍ସନ ସହ ଯୋଗାଯୋଗ କରିବାରୁ ସେମାନେ କହିଛନ୍ତି, ବିଭିନ୍ନ ପଞ୍ଚାୟତରେ ସମ୍ପନ୍ନ ହୋଇଥିବା କାର୍ଯ୍ୟର ବିଲ୍ ପ୍ରସ୍ତୁତ ହୋଇରହିଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ଯୋଗଦେବା ପରେ ତାଙ୍କ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟରେ ଦସ୍ତଖତ ଯାଞ୍ଚ କରାଯିବ। ଉକ୍ତ ଦସ୍ତଖତକୁ ଅନୁମୋଦନ କରାଯିବା ପରେ ଉନ୍ନୟନ କାର୍ଯ୍ୟର ବିଲ୍ ପୈଠ ହୋଇପାରିବ। ଯଦି ଏହାରି ଭିତରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଯୋଗ ଦିଅନ୍ତି, ତେବେ ଅନ୍ୟୁନନ ସପ୍ତାହକ ପରେ ସେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବେ। ମାର୍ଚ୍ଚରେ ଠିକାଦାର ସେମାନଙ୍କ କାର୍ଯ୍ୟର ବିଲ୍ ଅର୍ଥ ହାତେଇବା ପରେ ବିଭିନ୍ନ ଏଜେନ୍ସିକୁ ବକେୟା ଅର୍ଥ ପୈଠ କରିବାକୁ ଅପେକ୍ଷା କରିଛନ୍ତି। ଏଭଳି ଭାବରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପଦବୀ ପୂରଣ ହେବାରେ ଅହେତୁକ ବିଳମ୍ବ ହେଉଥିବାରୁ ବିଲ୍ ମିଳିବାକୁ ମାର୍ଚ୍ଚ ଶେଷ ହୋଇଯିବ ବୋଲି ଅନୁମାନ କରାଯାଉଛି। ଏନେଇ ବିଡିଓ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ପୂରଣ ପାଇଁ ସେ ବ୍ଲକ ପକ୍ଷରୁ ୨ଟି ପତ୍ର ଲେଖି ସାରିଲେଣି। ଏହାଛଡା ମୌଖିକ ଭାବରେ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ଦିନେ ଦୁଇଦିନ ଭିତରେ ଏହି ପଦବୀ ପୂରଣ ହୋଇଯିବ ବୋଲି ସେ ଆଶାବାଦୀ ଅଛନ୍ତି।

# ଚଣ୍ଡିଆ ପାହାଡ଼ରୁ ବେଆଇନ ମୂର୍ତ୍ତି ପଥର ଚାଲାଣ

- ହେଉନି ଚଢ଼ାଉ
- ପର୍ଯ୍ୟଟନ କ୍ଷେତ୍ର ପ୍ରଭାବିତ

ଚଣ୍ଡିଖୋଲ,୧୬।୩(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଆ ପାହାଡ଼ରୁ ବେଆଇନଭାବେ ଚାଲାଣ ହେଉଛି ଦାମୀ ମୂର୍ତ୍ତି ପଥର। ଏହି ପାହାଡ଼ରୁ ବାହାରୁଥିବା ପଥରର ମୂଲ୍ୟ ଅଧିକ ରହୁଥିବାରୁ ରାତିରେ ଟ୍ରକ ଓ ଟ୍ରାକ୍ଟର ଯୋଗେ ବାହାରକୁ ଚାଲାଣ କରାଯାଉଛି।

ସୂଚନା ଅନୁଯାୟୀ, ଦର୍ପଣ ତହସିଲ ଅନ୍ତର୍ଗତ ମଝିପଡ଼ା ପଞ୍ଚାୟତର ଚଣ୍ଡିଆଠାରେ ରହିଛି ଏହି ପାହାଡ଼। ପାହାଡ଼ ଦେଖିବାକୁ ଛୋଟ ହୋଇଥିଲେ ମଧ୍ୟ ଏଥିରୁ ବାହାରୁଥିବା ପଥର ବହୁ ମୂଲ୍ୟବାନ। ପାହାଡ଼ର କୌଣସି ଅଂଶ ଖନନ ପାଇଁ ଲିଜ ଦିଆଯାଇନାହିଁ। ସ୍ଥାନୀୟ ଅଞ୍ଚଳର କିଛି ପଥର ମାଫିଆମାନେ ଦିନରେ ଖନନ କରୁଛନ୍ତି। ରାତିରେ ବାହାରକୁ ଚାଲାଣ କରୁଛନ୍ତି।



ଛୋଟଖଣ୍ଡରୁ ଆରମ୍ଭ କରି ବଡ଼ବଡ଼ ଖଣ୍ଡପଥର ବାହାରୁଛି। ଏହାକୁ ନେଇ ବିଭିନ୍ନ ପ୍ରକାର ମୂର୍ତ୍ତି ନିର୍ମାଣ କରିବା ସହିତ ମନ୍ଦିର ତିଆରି କାର୍ଯ୍ୟରେ ଲଗାଉଛନ୍ତି। ଗୋଟିଏ ଟ୍ରାକ୍ଟର ପଥରର ମୂଲ୍ୟ ୩୦ ହଜାରରୁ ଆରମ୍ଭ କରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଗୋଟିଏ ଟ୍ରକ ପଥର ୧ ଲକ୍ଷରୁ ଆରମ୍ଭ କରି ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ପଥର ମୂର୍ତ୍ତି କାରିଗରମାନେ ସାଧାରଣତଃ ଏହି ପାହାଡ ପଥର ଉପରେ ନିର୍ଭର କରିଥାନ୍ତି। ଏପରିକି ଯଦି ୧୨ ଫୁଟରୁ ୧୫ ଫୁଟ ଲମ୍ବର ଗୋଟିକିଆ ପଥର ବାହାରିଲାତେବେ ସେହି ପଥର ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥାଏ। ଏହି ପଥର ମାଫିଆମାନେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ରଖି ରାତିରେ ଚାଲାଣ କରିଥାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିଠାରୁ ମାତ୍ର ୧ କି.ମି. ଦୂରରେ ଏହି ପାହାଡ଼ ରହିଥିବାବେଳେ ଏଠାରୁ ଖନନ ଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ପ୍ରଭାବିତ ହେଉଛି। ପୂର୍ବରୁ ଏଠାରୁ ମୂର୍ତ୍ତି ପଥର ଚାଲାଣ ହେଉଥିବାବେଳେ ରାସ୍ତାରେ ଟ୍ରାକ୍ଟର ଅଟକାଇ ଅଞ୍ଚଳବାସୀ ପୋଲିସ ଜିମା ଦେଇଥିଲେ। ଲଘୁ ଖଣିଜ ପଦାର୍ଥ ଖଣି ବିଭାଗ ଅଧୀନକୁ ଯିବା ପରେ କେବେବି ଚଢାଉ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କ ରେ ଯାଜପୁର ଖଣି ଉପନିର୍ଦ୍ଦେଶକ ଜୟ ପ୍ରକାଶ ନାୟକଙ୍କୁ ପଚାରିବାରୁ ସେ ଦାୟିତ୍ୱରେ ଥିବା ଜୁନିୟର ଖଣି ଅଧିକାରୀଙ୍କୁ ପଚାରନ୍ତୁ ବୋଲି କହିଥିଲେ। ଜୁନିୟର ଖଣି ଉପନିର୍ଦ୍ଦେଶକଙ୍କୁ ବାରମ୍ବାର ଫୋନ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# କ୍ରସ୍ ଭୋଟିଂରୁ ତାତିଲେ କର୍ମୀ

ଜଗତ୍‌ସିଂହପୁର, ୧୬।୩ (ପ୍ରମୋଦ କୁମାର ନାୟକ)

ରାଜ୍ୟ ସଭା ନିର୍ବାଚନରେ ତିର୍ତ୍ତୋଲ ବିଜେଡି ବିଧାୟକ ରମାକାନ୍ତ ଭୋଇ କ୍ରସ୍ ଭୋଟିଂ କରିଥିବା କୁହାଯିବା ପରେ ତାଙ୍କ ନିର୍ବାଚନମଣ୍ଡଳୀରେ ରାଜନୈତିକ ତାତି ବଢ଼ିଛି। ବିଶେଷକରି ବିଜେଡି ଶିବିରରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ପରିସ୍ଥିତିରେ ବିଧାୟକ ଭୋଇଙ୍କୁ ତୁରନ୍ତ ଦଳରୁ ବହିଷ୍କାର ଦାବିରେ ବିଜେଡି ନେତାମାନେ ଅଡି ବସିଛନ୍ତି। ପ୍ରତିବାଦ ସ୍ୱରୂପ ରଘୁନାଥପୁର ବ୍ଲକ ରେଡୁଆ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ନିକଟରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ ସହ ନାରାବାଜି କରିଛନ୍ତି। ଭୋଇଙ୍କୁ ଦଳରୁ ତୁରନ୍ତ ବହିଷ୍କାର କରା ନ ଗଲେ ସେମାନେ ଦଳ ଛାଡିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ରେଡୁଆ ସରପଞ୍ଚ କିଶୋର କୁମାର ବେହେରା, ସମିତି ସଭ୍ୟ ବିଶ୍ୱଜିତ ଦାସ, ସଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ରଘୁନାଥପୁର ବ୍ଲକ ବିଜେଡି ଯୁବ ସଭାପତି ଯୋଶେଫ ସ୍ୱାଇଁ, ବ୍ଲକ ଛାତ୍ର କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ମିଶ୍ର, ବ୍ଲକ ମହିଳା ସଭାପତି ଶାନ୍ତିଲତା ଦ୍ୱିବେଦୀ, ରଘୁନାଥପୁର ଜିଲା



ରଘୁନାଥପୁର ବ୍ଲକ ରେଡୁଆଠାରେ କର୍ମୀମାନେ ବିଧାୟକ ରମାକାନ୍ତ ଭୋଇଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

ପରିଷଦ ଜୋନ ୧ ସଭ୍ୟା ରିନାରାଣୀ ମଲ୍ଲିକ, ଜୋନ ୨ ସଭ୍ୟା ଇତିଶ୍ରୀ ମଲ୍ଲିକ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଛାତ୍ର ସଭାପତି ଶୁଭ୍ରକାନ୍ତ ଜେନା, ପ୍ରଦୀପ୍ତ ମହାନ୍ତି ଓ ଅନ୍ୟ ବରିଷ୍ଠ କର୍ମୀମାନେ ସାମିଲ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସଭା ନିର୍ବାଚନରେ ବିଜେଡିର ୮ ଜଣ ବିଧାୟକ କ୍ରସ୍ ଭୋଟିଂ କରିଛନ୍ତି। ସେମାନଙ୍କ ମଧ୍ୟରେ ରମାକାନ୍ତ ଭୋଇ ଥିବା ବିଜେଡି ଏଜେଣ୍ଟ ତଥା ବିଧାୟକ ପ୍ରତାପ ଦେବ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର କ୍ରସ୍ ଭୋଟିଂ କରିଥିବା ବିଧାୟକମାନଙ୍କୁ ଦଳ ନିଲମ୍ବିତ କରିବ ବୋଲି ଜଣାପଡିଛି। ଏହାସହ ବୁଧବାରଠାରୁ ବିଧାନସଭାକୁ ରମାକାନ୍ତ ଯିବେ ନା ନାହିଁ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଥିସହ ରମାକାନ୍ତ ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ କ'ଣ କହି ବୁଝାଇବେ ତାକୁ ନେଇ ଆଲୋଚନା ହେଉଛି। କ୍ରସ୍‌ଭୋଟିଂ ପାଇଁ ଜଣେ ବିଧାୟକ ପିଛା ୧୦ କୋଟିରୁ ଅଧିକ ଟଙ୍କା ମିଳିଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।

## ଯୁଦ୍ଧରେ ମାନବ ସମାଜକୁ ନ ହେଉ ଯନ୍ତ୍ରଣା

ଜେନାପୁର, ୧୬।୩ (ଅଶୋକ ଦାସ):

ମଧ୍ୟପ୍ରାଚ୍ୟର ଯୁଦ୍ଧ ଯୋଗୁ ବିଭିନ୍ନ ଦେଶରେ ଏହାର ପ୍ରଭାବ ପଡ଼ିଛି। ଏହିକ୍ରମରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଯାଜପୁର ସଚେତନ ନାଗରିକ ମଞ୍ଚ ଓ କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ଆନୁକୂଲ୍ୟରେ ଯୁଦ୍ଧରେ ଶାନ୍ତି ଫେରିବା ପାଇଁ ଜଗନ୍ନାଥଙ୍କ ଫଟୋଚିତ୍ର ରଖାଯାଇ ହୋମଯଜ୍ଞ କରାଯିବା ସହ ପ୍ରାର୍ଥନା କରାଯାଇଛି। ଯଜ୍ଞରେ କର୍ତ୍ତାଭାବେ କବାଟବନ୍ଧ ମେଡିକାଲ ଅଧିକାରୀ ଡା. ନିହାର ରଞ୍ଜନ କର ଆହୁତି ପ୍ରଦାନ କରିଥିଲେ। ପଣ୍ଡିତ ଦିଲୀପ କୁମାର ଶତପଥୀ ପୂଜାର୍ଚ୍ଚନା କରିଥିଲେ। ଯୁଦ୍ଧ ବନ୍ଦ କରି ଖୁବ୍‌ଶୀଘ୍ର ଶାନ୍ତି ଫେରାଇ ଆଣିବା ପାଇଁ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କଣ୍ଠଶିଳ୍ପୀ ବର୍ଷାରାଣୀ ପ୍ରଧାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ନାଗରିକ ମଞ୍ଚର ଆବାହକ ସରୋଜ ବେହେରା, ଜେନାପୁର ଥାନା ଅଧିକାରୀ ନିରୁପମା ଜେନା, ଅଧ୍ୟାପକ ମନୋଜ ଧୀର, ପଙ୍କଜ ମଲ୍ଲ, ଅଭିମନ୍ୟୁ ନାୟକ, ଗଗନ ମହାନ୍ତି, ପ୍ରଶାନ୍ତ ପଟ୍ଟନାୟକ, ବିଚିତ୍ରାନନ୍ଦ ମଲିକ, ଅଶୋକ ସିଂହଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ରହି ବକ୍ତବ୍ୟ ରଖିବା ସହ ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

କୁଜଙ୍ଗ, ୧୬।୩ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ୧୫ ନମ୍ବରଠାରେ ରବିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ଗ୍ରାମର ସ୍ୱର୍ଗତ ବିଶ୍ୱମ୍ବର ବେହେରାଙ୍କ ପୁଅ ବିଶ୍ୱଜିତ ବେହେରା(୨୭)। ବିଶ୍ୱଜିତ ରାତି ପ୍ରାୟ ସାଢେ ୧୧ଟାରେ କାମ ସାରି ପାରାଦୀପରୁ ଘର ଅଭିମୁଖେ ବାଇକ୍ ନଂ. ଓଡ଼ି ୧୪ ୱାଇ ୮୮୦୩ ଯୋଗେ ଫେରୁଥିବାବେଳେ ୧୫ ନମ୍ବରଠାରେ ହୋଇଥିବା ହମ୍ପସ ନିକଟରେ ଏକ ଅଜଣା ଗାଡ଼ି ଦ୍ରୁତଗତିରେ ଆସି ଧକ୍କା ଦେଇ ପଳେଇ ଯାଇଥିଲା। ଫଳରେ ବିଶ୍ୱଜିତ ବାଇକ୍‌ରୁ ଛିଟିକି କିଛି ଦୂରରେ ପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପଛପଟ ଖପୁରୀ ଉଠି ଯାଇଥିଲା। ଖବରପାଇ ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ ଓ ଅନ୍ୟତମ କାର୍ଯ୍ୟକର୍ତ୍ତା ପ୍ରଭାତ ବେହେରା ଘଟଣାସ୍ଥଳରେ ପହଞ୍ଚି ପୋଲିସ୍, ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଅନ୍ୟ ଏକ ଗଛ କଟା କାମରେ ବ୍ୟସ୍ତଥିବାରୁ ଥାନାଧିକାରୀ ବଂଶୀଧର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ୧୧୨ ଗାଡ଼ି ଯୋଗେ ଦୁର୍ଘଟଣାଗ୍ରସ୍ତ ବିଶ୍ୱଜିତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତ ବିଶ୍ୱଜିତଙ୍କ ଦାଦା ଟୁକୁନା ବେହେରା ସୋମବାର ସକାଳୁ ପୋଲିସରେ ଅଭିଯୋଗ କରିବାରେ କୁଜଙ୍ଗ ଥାନା ପକ୍ଷରୁ ନଂ. ୮୪/୨୬ରେ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଛି। ମୃତଦେହକୁ ପୋଲିସ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ତଦନ୍ତକାରୀ ଅଧିକାରୀ ପ୍ରମୋଦ ଉଦୟ ସିଂ କହିଛନ୍ତି। ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ବିଶ୍ୱଜିତଙ୍କ ସତ୍କାର କରାଯାଇଥିଲା। ସୂଚନାଯୋଗ୍ୟ, ବିଶ୍ୱଜିତ ଛୋଟ ଥିବାବେଳେ ତାଙ୍କ ରୋଗଗ୍ରସ୍ତ ବାପାଙ୍କ ଅକାଳ ମୃତ୍ୟୁ ହୋଇଥିଲା। ବିଶ୍ୱଜିତ ୨ ବର୍ଷ ପୂର୍ବେ ବିବାହ କରିଥିବାବେଳେ ତାଙ୍କର ଏକ ଏକ ବର୍ଷର ପୁଅ ମଧ୍ୟ ଅଛି। ବିଶ୍ୱଜିତଙ୍କ ସ୍ତ୍ରୀ, ପୁଅ, ସାନ ଭାଇ ଓ ମା' ଏବେ ରୋଜଗାରିଆ ପୁଅକୁ ହରାଇ ବେସାହାରା ହୋଇ ପଡ଼ିଛନ୍ତି। ତୁରନ୍ତ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଠାବ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଅତୁଳଙ୍କ ସ୍ମୃତିଚାରଣ ସଭା

ରାଜନଗର, ୧୬।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅତୁଲ କୁମାର ବଳଙ୍କ ଦ୍ୱାଦଶ ଉପଲକ୍ଷେ ମହାବିଦ୍ୟାଳୟର ଷ୍ଟାଫ୍ ଆସୋସିଏଶନ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମିୟ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରଯାଇଥିଲା। ଷ୍ଟାଫ୍ ଆସୋସିଏଶନ୍ ସଭାପତି ସନ୍ଦିପ କୁମାର ମହାପାତ୍ର ସଭା ପରିଚାଳନା କରିଥିଲେ। ପରେ ପୂର୍ବତନ ଅଧ୍ୟକ୍ଷ ବଳଙ୍କ କଲେଜ ପ୍ରତି ଥିବା ବଳିଷ୍ଠ ଅବଦାନ ସମ୍ପର୍କ କହିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଅଭିମନ୍ୟୁ ରାଉତ ଅତୁଲ ସାରଙ୍କର କଲେଜ ପ୍ରତି ଅତୁଳନୀୟ ଭଲ ପାଇବା ସମ୍ପର୍କରେ କହିଥିଲେ। ଖବରଦାତା ଭାସ୍କର ରାଉତରାୟ ସଭାରେ ଉପସ୍ଥିତ ରହି ବଳଙ୍କ ସହିତ ଅନେକ ସ୍ମୃତିକୁ ମନେ ପକାଇବା ସହ ମହାବିଦ୍ୟାଳୟ ଭିତ୍ତିଭୂମି ବିକାଶରେ ତାଙ୍କ ମୁଖ୍ୟ ଭୂମିକା ସମ୍ପର୍କ ଅବତାରଣା କରିଥିଲେ। ସେହିପରି ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇ ସ୍ମୃତି ଚାରଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଅନୁଦାନ ଅର୍ଥ ଖର୍ଚ୍ଚ ହେଉ ନ ଥିବା ଗ୍ରାମବାସୀଙ୍କ ଅଭିଯୋଗ



ଅଲଣା ଗାଁର କେତେଜଣ ଲୋକ ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

### ଅଲଣା ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା

ନାଉଗାଁ, ୧୬।୩ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ପଞ୍ଚାୟତ ଅଲଣା ଗ୍ରାମକୁ ସରକାରଙ୍କ ପକ୍ଷରୁ ଆଦର୍ଶ ଗ୍ରାମ ରୂପେ ମାନ୍ୟତା ପାଇଛି। କିନ୍ତୁ ଏହି ଗ୍ରାମକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅନୁଦାନ ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ଖର୍ଚ୍ଚ କରାଯାଇ ପାରୁ ନ ଥିବା ଗ୍ରାମର ଦଳିତ ପରିବାର ପକ୍ଷରୁ ସୋମବାର ବିଡିଓ ନିରଞ୍ଜନ ପରିଡାଙ୍କୁ ଲିଖିତ ଅଭିଯୋଗ କରାଯାଇଛି।

ଦଳିତ ପରିବାରର ଖଟୁ ଦାସ, ଶକ୍ତି ପ୍ରସାଦ ଦାସ, ଅଜୟ ଗୋଛାୟତ, ତ୍ରିଲୋଚନ ଦାସ, ବିନ୍ଦୁ ଭୋଇ, ରଥ ଦାସ ପ୍ରମୁଖଙ୍କ ଅଭିଯେଗ ମୁତାବକ ଆମ ଗ୍ରାମଟି ଆଦର୍ଶ ଗ୍ରାମର ମାନ୍ୟତା ପାଇବା ପରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସହାୟତା ପାଣ୍ଠି ପ୍ରଦାନ କରାଯାଇଛି। ବିଶେଷ କରି ଉକ୍ତ ପାଣ୍ଠିରେ ଦଳିତ ବସ୍ତି ବାସିନ୍ଦାଙ୍କ ଉନ୍ନତିମୂଳକ କାର୍ଯ୍ୟ କରାଯିବା ପରେ ଗ୍ରାମରେ ରହିଥିବା ଅନ୍ୟ ଉନ୍ନତିମୂଳକ କାର୍ଯ୍ୟ କରାଯିବ। ପ୍ରଦାନ ପାଣ୍ଠି କିପରି ବିନିଯୋଗ କରାଯିବ ସେ ସଂକ୍ରାନ୍ତରେ ଗ୍ରାମରେ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ଅଧ୍ୟକ୍ଷ ଭାବେ ସରପଞ୍ଚ ଓ ସମ୍ପାଦକ ଭାବେ ଉକ୍ତ ଗ୍ରାମର ୨ ଜଣ ଦଳିତ ୱାର୍ଡ ସଭ୍ୟ ରହିଥିଲେ। ଏଥିସହିତ ଗ୍ରାମର କେତେଜଣ ବ୍ୟକ୍ତି ବିଶେଷ ସଦସ୍ୟ ଭାବେ ରହିଥିଲେ। ଗ୍ରାମକୁ ଆସୁଥିବା ଅନୁଦାନ କିପରି ସୂଚାରୁରୂପେ ଖର୍ଚ୍ଚ କରାଯିବ ସେ ବିଷୟରେ ଆଲୋଚନା କରାଯାଇ ଏକ ବିବରଣୀ ଲେଖା ଯାଇଥିଲା। ଏହି ବିବରଣୀକୁ କମିଟିରେ ଥିବା ସମସ୍ତ ସଦସ୍ୟଙ୍କୁ ପ୍ରଦାନ କରାଯାଇଥିଲା। ଗ୍ରାମକୁ ଲାଗି ଜଗତ୍‌ସିଂହପୁର ବ୍ଲକର କେତେଗୋଟି ଗ୍ରାମ ରହିଛି। ବର୍ତ୍ତମାନ ଜାଣିବାକୁ ପାଇଲୁ ଯେ, ଉକ୍ତ ଗ୍ରାମର କେତେଜଣ ପିଲା ରାଜନୈତିକ ଉଦ୍ଦେଶ୍ୟ ରଖି ଆମ ଗ୍ରାମର କେତକେ ପିଲାଙ୍କୁ ଧରି ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ତେଣୁ ଗ୍ରାମର ଉଭୟପକ୍ଷଙ୍କୁ ଡାକି କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇ ସୂଚାରୁରୂପେ କାମ କରାଯାଉ। ଯଦି ଗ୍ରାମ ବାହାର ପିଲା ଏହି କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ତେବେ ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି ହେବ ଓ ଉନ୍ନୟନମୂଳକ କାର୍ଯ୍ୟ କରାଯାଇପାରିବ ନାହିଁ। ତେଣୁ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ପରିଡାଙ୍କୁ ପଚାରିବାରେ ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଭଟଣା-ନୟାସିଙ୍ଗଡ଼ା ରାସ୍ତା କାମକୁ ବନ୍ଦ କଲେ ଗ୍ରାମବାସୀ

ନାଉଗାଁ, ୧୬।୩ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଓଷକଣା ପଞ୍ଚାୟତର ଭଟଣା-ନୟାସିଙ୍ଗଡା ଗ୍ରାମକୁ ଏକ ସଂଯୋଗକାରୀ ରାସ୍ତା ହେଉଛି। ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ରାସ୍ତାଟି ବିପର୍ଯ୍ୟସ୍ତ ହୋଇ ପଡିବାରୁ ବିଭାଗ ପକ୍ଷରୁ ରାସ୍ତାର ମରାମତି କାମ ଆରମ୍ଭ କରାଯାଇଛି। କିନ୍ତୁ ରାସ୍ତା କାମ ନିମ୍ନମାନର ହେଉଥିବାରୁ ଏହାକୁ ପଞ୍ଚାୟତର ସମିତି ସଭ୍ୟ ବିରେନ୍ଦ୍ର ବିଶ୍ୱାଳ, ଗଣେଶ ମୁଦୁଲିଙ୍କ ସମେତ ଗ୍ରାମବାସୀ ରାସ୍ତା କାମକୁ ବନ୍ଦ କରିଥିଲେ। ଗ୍ରାମବାସୀଙ୍କ କହିବା ମୁତାବକ, ଠିକାଦାର ନିମ୍ନମାନର କାମ କରୁଛନ୍ତି। ଏପରିକି ରାସ୍ତାରେ ପିଚୁ ପକାଇବା ପରେ ହାତ ମାରିଲେ ଏହା ଉଠିଯାଇଛି। ଏପରିକି ରାସ୍ତା ମରାମତି ପରେ ଯାନ ବାହାନ ଏଥିରେ ଚଳାଚଳ କଲେ ଅବସ୍ଥା ଶୋଚନୀୟ ହୋଇପଡିବ। ଏହି ରାସ୍ତା ଉପରେ ୨ ଗ୍ରାମର ଜନସାଧାରଣ ନିର୍ଭର କରନ୍ତି। ତେଣୁ ରାସ୍ତା କାମ ଠିକ ଭାବେ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶସାନ ନିକଟରେ ଦାବି କରାଯାଇଛି। ସୂଚନାଯୋଗ୍ୟ, ଏହି ରାସ୍ତାର ମରାମତି କାମ ପାଇଁ ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ ରାସ୍ତା କାମ ପୁନର୍ବାର କରାଯିବ ବୋଲି ସେ କହିଛନ୍ତି।



ନିମ୍ନମାନର ରାସ୍ତାକାମ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ବଜ୍ରପାତରେ ମଇଁଷି ମୃତ

ପାଟକୁରା, ୧୬।୩ (ରବୀନ୍ଦ୍ର ନାଥ ବାରିକ)

### ବର୍ତ୍ତିଲେ ୪ ଜଗୁଆଳ, ୭୦ ମଇଁଷି

ଗରଦପୁର ବ୍ଲକ ତଲକୁସୁମା ପଞ୍ଚାୟତ ବଙ୍ଗାରି ଗ୍ରାମ ଅନ୍ଧବର ପଟରେ ସୋମବାର ଅପରାହ୍ଣ ପ୍ରାୟ ୩ଟାରେ ବଜ୍ରପାତ ଘଟି ଗୋଟିଏ ମଇଁଷିର ମୃତ୍ୟୁ ହୋଇଛି । ଏଥିରେ ୪ଜଣ ଜଗୁଆଳି ଓ ୭୦ ମଇଁ ରକ୍ଷା ପାଇଯାଇଛନ୍ତି । ହଠାତ କାଳବୈଶାଖୀ ଝଡି ବର୍ଷା ଯୋଗୁ ଅନ୍ଧବର ପାଟରେ ଚରୁଥିବା ମଇଁଷିପଲ ଉପରେ ବଜ୍ରପାତ ହୋଇଥିଲା । ଫଳରେ ଉତ୍ତମ ଦାଶଙ୍କ ଗୋଟିଏ ମଇଁଷିର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୭୦ ମଇଁଷି ଭୟଙ୍କର ଶବ୍ଦରେ ଦୌଡ଼ି ପଳାଇଥିଲେ । ମଇଁଷି ଜଗୁଥିବା ଚାରିଜଣ ଜଗୁଆଳି ଅଳ୍ପକେ ବର୍ତ୍ତୀ ଯାଇଥିଲେ ।

## ପିପିଏଲ୍ ପରିସରରେ ଆତ୍ମରକ୍ଷା କୌଶଳ ଶିବିର



ପାରାଦୀପ, ୧୬।୩ (ଶରତ ରାଉତ)

ସ୍ଥାନୀୟ ପିପିଏଲ ଟାଉନସିପ୍ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ଆତ୍ମରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୧୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଶିକ୍ଷକ ଭାବେ ଖାରବେଳ ମଲ୍ଲିକ, କାହ୍ନୁ ମଲ୍ଲିକ, ଅମରଜ୍ୟୋତି ରାଉତ ପ୍ରମୁଖ ଥିଲେ। ରାଜ୍ୟସ୍ତରୀୟ ଶିବିର ପାଇଁ କେତେଜଣ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ପିପିଏଲ କମ୍ପାନୀ ସିଏମ୍‌ଓ ପାଲାନୀସ୍ୱାମି ଭେଲୁସ୍ୱାମି, ମାନବସମ୍ବଳ ଅଧିକାରୀ ସୁମିତ କୁମାର ସେନାପତି ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ।

## ମାଟି ଉଦ୍ଭିଦ ଖାଦ୍ୟର ଗନ୍ତାଘର

ରଘୁନାଥପୁର, ୧୬।୩ (ରାଜେନ୍ଦ୍ର ନାରାୟଣ ସିଂହ)

### ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ, ଉର୍ବରତା ସମ୍ପର୍କରେ ପ୍ରଶିକ୍ଷଣ

ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଆନୁକୂଲ୍ୟ ତଥା ଜଗତ୍‌ସିଂହପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ରଘୁନାଥପୁର ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ତାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀଙ୍କୁ ନେଇ ମୃତ୍ତିକା ସ୍ୱାସ୍ଥ୍ୟ ଓ ଉର୍ବରତା ସମ୍ପର୍କରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି ଅଧିକାରୀ ଆକାଂକ୍ଷା ପାଣିଗ୍ରାହୀ ଯୋଗଦେଇ ଚାଷୀଙ୍କୁ ମାଟିର ଆବଶ୍ୟକତା ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ମୃତ୍ତିକା ସ୍ୱାସ୍ଥ୍ୟକୁ ବଜାଇ ରଖିବା ପାଇଁ କିଭଳି ଭାବେ ମାଟିର ନମୁନା ସଂଗ୍ରହ କରିବା ଓ ଏଥିରୁ ୧୨ଟି ଗୁଣ ପରୀକ୍ଷା କରିବା ଅତ୍ୟନ୍ତ ଜରୁରୀ ବୋଲି ଅଧିକାରୀ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। କାରଣ ମାଟି ଉଦ୍ଭିଦ ଖାଦ୍ୟର ଗନ୍ତାଘର ବୋଲି ସେ ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ,



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଚାଷୀ ଓ ଅନ୍ୟମାନେ।

ସମିତି ସଭ୍ୟା ପୂଜାଲତା ଦାସ ଓ ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟପକ୍ଷେ ସହକାରୀ କୃଷି ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା, ବିଟିଏମ ମୋନାଲିସା ପାଢ଼ୀ କେଉଁ ପଦ୍ଧତିରେ ମାଟିର ନମୁନା ସଂଗ୍ରହ କରିବେ ଓ ମୃତ୍ତିକା ପରୀକ୍ଷାର ଫଳାଫଳ ଅନୁଯାୟୀ କେଉଁ ଖାଦ୍ୟସାର କେତେ ପରିମାଣରେ ପ୍ରୟୋଗ କରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହାଛଡା ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ଥିବା ସଏଲ ହେଲଥ କାର୍ଡ ପ୍ରଦାନ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ଓଭରସିୟର ନାରାୟଣ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଚାଷୀଙ୍କ ସହ ୱାର୍ଡସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

## ନବ ନିର୍ମାଣ କୃଷକ ସଙ୍ଗଠନର ଅର୍ଦ୍ଧ ଉଲଗ୍ନ ପ୍ରତିବାଦ

ଜଗତ୍‌ସିଂହପୁର, ୧୬।୩ (ପ୍ରମୋଦ କୁମାର ନାୟକ)

- ୩ ଦଫା ଦାବିରେ ଲଙ୍ଗଳ, ଜୁଆଳି ଧରି ବୁଲିଲେ ସହର
- କିଛି ସମୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା

୩ ଦଫା ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅଭିନବ ପ୍ରତିବାଦ କରାଯାଇଛି। ଆନ୍ଦୋଳନରତ ଚାଷୀମାନେ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ଅର୍ଥାତ୍ ଅଣ୍ଟା ଉପରକୁ ବିନା ପୋଷାକରେ ସ୍ଥାନୀୟ ଟାଉନ ହଲ ଛକ ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ପ୍ରତିବାଦ କରିଥିଲେ। ଏହି ସମୟରେ ସରକାରଙ୍କ ବିରୋଧରେ ଚାଷୀମାନେ ଗର୍ଜନ କରିଥିବା ଦେଖିବାକୁ ମିଳିଥିଲା। ବିଶେଷକରି ୭୨ବର୍ଷ ବୟସର ଆଡଭୋକେଟ୍ ବାସୁଦେବଙ୍କ ସହ ଅନ୍ୟ କେତେଜଣ ଚାଷୀ ଯେଉଁଭଳି ଭାବରେ କାନ୍ଧରେ ଯୁଆଳି, ହାତରେ ଲଙ୍ଗଳ ଓ ଜାତୀୟ ପତାକା ଧରି ଆନ୍ଦୋଳନ କରିଥିଲେ ତାହା ନିଆରା ପରିବେଶ ସୃଷ୍ଟି କରିଥିଲା, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଦେବୀ ପ୍ରସାଦ ମହାରଣାଙ୍କ ସମେତ ସଙ୍ଗଠନ ନେତା ଓ ଆନ୍ଦୋଳନରତ ଚାଷୀମାନଙ୍କ ଯୁକ୍ତି ଥିଲା ଚଳିତ ଖରିଫ ଋତୁରେ ଜିଲାରେ ମଣ୍ଡିଗୁଡିକରେ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଛି। କଟନି ଛଟନି ସାଙ୍ଗକୁ ଅଖା ଅର୍ଥ ଆତ୍ମସାତ୍ କରାଯାଉଛି। ମିଲର, ପାକ୍ସ ସମ୍ପାଦକମାନଙ୍କ ମଧୁଚନ୍ଦ୍ରିକା ଚିନ୍ତାର କାରଣ ହୋଇଛି। ଚାଷୀଙ୍କ ବଳକା ଧାନ ସରକାର କ୍ରୟ କରିବାରେ ଅସମର୍ଥ ହେଉଛନ୍ତି। ତେଣୁ ଜିଲାର ଚାଷୀମାନଙ୍କ ଉତ୍ପାଦିତ ସମସ୍ତ ବଳକା ଧାନ ଯେପରି ଠିକ୍ ସମୟରେ ସଂଗ୍ରହ କରାଯାଇପାରିବ ତା' ଉପରେ ପଦକ୍ଷେପ ନେବାକୁ ସଙ୍ଗଠନ ପକ୍ଷରୁ ଗତ ଫେବୃଆରୀ ୧୦ ଓ ମାର୍ଚ୍ଚ ୯ରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଜିଲାପାଳ ଏ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁଃଖର କଥା ହେଲା ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ମାର୍ଚ୍ଚ ୩୧ରେ ଧାନ ସଂଗ୍ରହ ସରିଯିବ। ଅର୍ଥାତ୍ ଧାନ ସଂଗ୍ରହ ପାଇଁ ଆଉ ମାତ୍ର ୧୪ ଦିନ ବାକି ଥିବାବେଳେ ଜିଲାରେ ୨୩ ହଜାର ଟୋକନଧାରୀ ଚାଷୀ ସେମାନଙ୍କ ୭ ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି ନେଇ ଅନିଶ୍ଚିତତା ଭିତରେ ଘାଣ୍ଟି ହେଉଛନ୍ତି। ଏହି ପରିସ୍ଥିତିରେ ସେମାନେ ଅସହାୟ ହୋଇ ପଡ଼ିଛନ୍ତି। ତେଣୁ ସେମାନଙ୍କ ବଳକା ଧାନ ସଂଗ୍ରହର ଆଶୁ ବ୍ୟବସ୍ଥା ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ଏଥିସହ ପଞ୍ଜୀକୃତ ୪୯,୬୮୬ ଚାଷୀଙ୍କଠାରୁ ମୋଟ ୧୭,୮୫,୨୩୩.୬୫ କୁଇଣ୍ଟାଲ ଧାନ ସଂଗ୍ରହ ସୁନିଶ୍ଚିତ କରାଯାଉ। ପଞ୍ଜୀକୃତ ଚାଷୀଙ୍କ ପଞ୍ଜୀକରଣ ପ୍ରାପ୍ତି ପତ୍ରରେ ସେମାନଙ୍କ ଜମିର ତଥ୍ୟାବଳୀ ଅର୍ଥାତ୍ ମୌଜା, ଖାତା ସଂଖ୍ୟା ଓ ପ୍ଲଟ ସଂଖ୍ୟା ଉଲ୍ଲେଖ କରାଯାଉ। ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ ସମୟରେ ଜାନୁଆରୀ ପ୍ରଥମ ସପ୍ତାହରେ ନିର୍ଦ୍ଦିଷ୍ଟ ଫର୍ମରେ ଯାହା ସବୁ ପୂରଣ କରିଥାନ୍ତି, ତା'ର ଯାଞ୍ଚ ଓ ସର୍ବେକ୍ଷଣ କରାଯାଇଥାଏ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ସହ ସାର୍ବଜନୀନ କରାଯିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ୩ ଦଫା ଦାବି ପୂରଣ ପାଇଁ ଶେଷରେ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କମିଶନର ତଥା ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଡିଆର୍‌ସିସି ପ୍ରଭାତ ଶତପଥୀ, ସିଏସ୍‌ଓ ଜିତେନ୍ଦ୍ର ଚରଣ ଗୁଡୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ।




ଜଗତ୍‌ସିଂହପୁରରେ ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ଅଭିନବ ଉପାୟ ପ୍ରତିବାଦ କରୁଛନ୍ତି।

# ଚାନ୍ଦ ଦର୍ଶନରେ ଆରମ୍ଭ, ଶେଷ ହୁଏ ରମ୍‌ଜାନ୍ ମାସ

ନୟାଗଡ଼,୧୬।୩(ଲୋକନାଥ ମିଶ୍ର)

ଇସ୍‌ଲାମିକ୍ ଚନ୍ଦ୍ର ପଞ୍ଜିକାର ନବମ ମାସ ହେଉଛି ରମ୍‌ଜାନ୍ ମାସ। ରମ୍‌ଜାନ୍ ମାସରେ ରୋଜା(ଉପବାସ) ପଡେ; ଯାହା ଚାନ୍ଦ ଦର୍ଶନରୁ ଆରମ୍ଭ ଓ ଶେଷ ହୋଇଥାଏ। ରମ୍‌ଜାନ୍ ମାସ ରହମତ୍, ମଗ୍ ଫିରତ ଓ ଜହନ୍ନମ୍ (ନର୍କରୁ ଉଦ୍ଧାର) ପରି ୩ ଭାଗରେ ବିଭକ୍ତ। ରମ୍‌ଜାନ୍ ମାସର ପ୍ରଥମ ଦିବସରେ ଚାନ୍ଦ ଦେଖିବା ପରେ ସେହିଦିନ ରାତିରୁ ବିଶେଷ ନମାଜ ପାଠ ତରାୱିହ୍ ଆରମ୍ଭ ହୁଏ। ଶେଷ ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ପରେ ଏକାନ୍ତ ବ୍ରତ ବା ଏତେକାଫ୍ ଭଙ୍ଗ ହୁଏ। ଏତ୍‌କାଫ୍ ଭଙ୍ଗ ପରଦିନ ଇଦୁଲଫିତର ପର୍ବରେ ଭୋଜିଭାତ, ଖିରି ସିମିଆ, ପଣାପାଣିର ଆୟୋଜନ ହୁଏ। ଭଲ ଓ ନୂଆ ପୋଷାକ ପରିଧାନ କରି ଦେହରେ ଅତର ଲଗାଇ ଇଦ୍‌ଗାକୁ ଗୋଟିଏ ରାସ୍ତାରେ ଯାଇ ଇଦ୍ ନମାଜ ପାଠ କରି ପରସ୍ପରକୁ ହାତ ମିଳାଇ ଆଲିଙ୍ଗନ କରି ଭିନ୍ନ ରାସ୍ତାରେ ଘରକୁ ଫେରନ୍ତି। ବର୍ଷ ତମାମ ସାବାଳିକା ସାବାଳକଙ୍କ ପାଇଁ ୫ଥର ନମାଜ ପାଠ ପାହାନ୍ତା ବା ଭୋର ସମୟରେ ଫଜର ନମାଜ, ଦ୍ୱିପ୍ରହରରେ ଜୋହର ନମାଜ, ସୂର୍ଯ୍ୟ ଅସ୍ତ ପୂର୍ବରୁ ଅସର ନମାଜ, ସୂର୍ଯ୍ୟଅସ୍ତ ପରେ ମଗରିବ୍ ନମାଜ, ରାତି ୮ଟା ପରେ ଇଷା ନମାଜ କରିବା ବାଧ୍ୟତାମୂଳକ ଥିବାବେଳେ ରମ୍‌ଜାନ ମାସରେ ତରାୱିହ୍ ନମାଜ ସହିତ ଅଧିକରୁ ଅଧିକ ନଫିଲ୍ (ସ୍ୱେଚ୍ଛାକୃତ) ନମାଜ ପାଠ କରାଯାଏ। ସେହିଭଳି ଅଧିକରୁ ଅଧିକ ପବିତ୍ର କୋରାନ୍ ପାଠ କରାଯାଏ। କିନ୍ତୁ ରମ୍‌ଜାନ ମାସରେ ରାତ୍ରରେ ପଢ଼ାଯାଉଥିବା ଇଷା ନମାଜ ସହିତ ଅଧିକ କୋଡିଏ ରକାତ୍ ତରାୱିହ୍ ନମାଜ ପଢ଼ାଯାଏ। ସମସ୍ତ ନମାଜ୍‌କୁ ଇମାମ୍ (ନମାଜ୍ ପଢୁଥିବା ଧର୍ମ ଗୁରୁ) ପଢ଼ାଇଥାନ୍ତି। ଅସୁସ୍ଥତାବଶତଃ ଯଦି ମସ୍‌ଜିଦ୍ ଯାଇ ଯାଇ ନ ହୁଏ ତେବେ ସମ୍ପୃକ୍ତ ନମାଜକୁ ଘରେ ପଢ଼ିବାର ବିଧି ବି ରହିଛି। ମହିଳାମାନଙ୍କୁ ମସ୍‌ଜିଦ୍‌ରେ ନମାଜ ପଢ଼ିବାର ବାରଣ ରହିଛି। ମହିଳାମାନେ ଦିନରେ ୫ଥର ନମାଜ୍ ପଢ଼ିବା ସହ ରାତ୍ରିର ତରାୱିହ୍ ନମାଜ ଘରେ ପଢ଼ିଥାନ୍ତି। ଅନ୍ୟପକ୍ଷେ ରୋଜା ରଖିବା ସାବାଳିକା, ସାବାଳକ ମହିଳା ପୁରୁଷ ଓ ଚଳଚଞ୍ଚଳ ବୃଦ୍ଧା ବୃଦ୍ଧଙ୍କ ପାଇଁ ବାଧ୍ୟତାମୂଳକ। ସୂର୍ଯ୍ୟୋଦୟ ପୂର୍ବରୁ ପାଖାପାଖି ରାତି ୩ଟାରୁ ୪ଟା ଭିତରେ ଉଠି ମୁହଁ ହାତ ଧୋଇ ରୋଜା ରଖିବା ଉଦ୍ଦେଶ୍ୟରେ ଇଚ୍ଛା ଅନୁସାରେ ଖାଦ୍ୟ ଗ୍ରହଣକୁ ସହରୀ କୁହାଯାଏ। ତେବେ ସହରୀ ରଖିବା ପାଇଁ ସମୟ ଅତିବାହିତ ପରେ ଖାଦ୍ୟ ଗ୍ରହଣ କଲେ ସେଦିନର ରୋଜା ଗଣତି ହୁଏ ନାହିଁ। ଅନ୍ୟପକ୍ଷେ ଡେରିରେ ଉଠିବା ପରେ ଖାଦ୍ୟ ନ ଖାଇଲେ ରୋଜା ରଖି ହୁଏ। ରୋଜା ରଖିଥିବା ବ୍ୟକ୍ତିବିଶେଷଙ୍କୁ ପାଣି, ଔଷଧ ଓ ଧୂମପାନ କରିବା


ରୋଜା ଭଙ୍ଗ କରାଯାଉଛି।

ବାରଣ ରହିଛି। ରୋଜା କରିବାକୁ ହେଲେ ଦିନରେ ୨୪ ଘଣ୍ଟା ମଧ୍ୟରୁ ପ୍ରାୟ ୧୪ ଘଣ୍ଟା କାଷ୍ଠା ଉପବାସ ରହିବାକୁ ପଡେ। ସନ୍ଧ୍ୟା ପ୍ରାୟ ୬ଟାରେ ମଗରିବ୍ ନମାଜ ପାଠ ପାଇଁ ଡାକବାଜି ଯନ୍ତ୍ରରେ ଅଜାନ୍ ଡାକିବାବେଳେ ଉପବାସକାରୀ ଖଜରା, ତରଭୁଜ, ଫଳ, ବୁଟ ସାଲାଟ୍, ମିଠା ଖାଇ ଓ ପଣାପାନ କରି ଉପବାସ ଭଙ୍ଗ କରନ୍ତି। ରୋଜାଭଙ୍ଗକୁ ଇଫ୍‌ତାରୀ କୁହାଯାଏ। ସନ୍ଧ୍ୟାରୁ ପୁଣି ଭୋର ୩ ଟା ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣରେ କୌଣସି କଟକଣା ନ ଥାଏ। ଘରେ ଘରେ ସନ୍ଧ୍ୟା ସମୟରେ ଲଛା, ସିମିୟା ଓ ଡାଲି ଓ ଚିକେନରେ ପ୍ରସ୍ତୁତ ତରଳ ଖାଦ୍ୟ ହଲିମ୍ କରାଯାଇ ଖିଆଯାଏ। ଛୋଟ ପିଲା, ରୋଗୀ ଓ ବୃଦ୍ଧାବୃଦ୍ଧ, ଋତୁସ୍ରାବ ସମୟରେ ମହିଳାଙ୍କୁ ରୋଜା ବାରଣ ରହିଛି।

### ୨୭ ରାତି ଆଣିଥାଏ ମହାପୁଣ୍ୟ

ରମ୍‌ଜାନ ମାସର ୩୦ ଦିନକୁ ୩ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ୧୦ ଦିନକୁ ରହମତ୍ ଅର୍ଥାତ୍ ଆଶୀର୍ବାଦର ଦିନ। ୨ୟ ଦଶଦିନକୁ ମଗ୍‌ଫିରତ୍ ଅର୍ଥାତ କ୍ଷମା ବା ମୋକ୍ଷର ଦିନ କୁହାଯାଏ। ଶେଷ ୧୦ ଦିନ ବଖ୍ସିଶ୍ ଅର୍ଥାତ୍ ନର୍କର ଅଗ୍ନିରୁ ମୁକ୍ତି ଲାଭ କରିବାର ସମୟ ବୋଲି ଉଲ୍ଲେଖ ରହିଛି। ଶେଷ ୧୦ ଦିନରେ ଏପରି ଏକ ରାତି ଆସିଥାଏ ଯାହାକୁ ଲୈଲତୁଲ୍ କଦର ବା ଶବେ କଦର କୁହାଯାଏ। ଚଳିତ ବର୍ଷ ସୋମବାର ରାତିରେ ଲୈଲତୁଲ୍ କଦର ପଡୁଥିବାରୁ ଶ୍ରଦ୍ଧାଳୁମାନେ ସେହି ରାତିକୁ ଅପେକ୍ଷା କରିଛନ୍ତି। ପବିତ୍ର ଧର୍ମଗ୍ରନ୍ଥ କୋରାନ୍‌ରେ କୁହାଯାଇଛି, ସମ୍ପୃକ୍ତ ରାତି ଏକ ହଜାର ମାସଠାରୁ ଅଧିକ। ଏହି ରାତ୍ରିରେ କୋରାନ୍ ଅବତୀର୍ଣ୍ଣ ହୋଇଥିଲା। ଦେବଦୂତ ଗଣ ଓ ସମ୍ପୂର୍ଣ୍ଣ ପବିତ୍ର ଆତ୍ମା ଧରାପୃଷ୍ଠକୁ ଅବତରଣକରି ଆଲ୍ଲାଙ୍କ ଭକ୍ତମାନଙ୍କର ମନସ୍କାମନା ପୂରଣ କରିଥାନ୍ତି। ମୂଲ୍ୟବାନ୍ ସମୟକୁ ୧୦ଦିନକୁ ହାତଛଡା ନ କରି ମୁସଲମାନ ପୁରୁଷମାନେ ଏତେକାଫରେ ବସିଥାନ୍ତି। ଏତେକାଫରେ ବସିବାକୁ ହେଲେ ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ମସ୍‌ଜିଦ୍‌ର ଏକଭାଗରେ କେବଳ ଆଲ୍ଲାଙ୍କ ଉପାସନା ନିମନ୍ତେ ଆବଦ୍ଧ ହୋଇଯାନ୍ତି। ସମ୍ପୃକ୍ତ ୧୦ ଦିନରେ ଏକ ସ୍ୱତନ୍ତ୍ର ଦୁଆ ଉଚ୍ଚାରଣ କରା ଯାଇଥାଏ। ହେ ଆଲ୍ଲା, ତୁମେ କ୍ଷମାଶୀଳ ଅଟ। କ୍ଷମାକୁ ବହୁତ ପସନ୍ଦ କର। ମୋତେ କ୍ଷମା କରିଦିଅ ବୋଲି ପ୍ରାର୍ଥନା କରାଯାଇଥାଏ। ପୁଣି ଅଧିକ ନଫିଲ ନମାଜ, କୋରାନ ପାଠ, ଦୁଆ ଓ ଜପ କରାଯାଏ। ଗ୍ରାମର ଜଣେ ବ୍ୟକ୍ତି ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ୧୦ ଦିନ ପର୍ଯ୍ୟନ୍ତ ମସ୍‌ଜିଦ୍‌ରେ ୨୪ ଘଣ୍ଟା ସମୟ ଅତିବାହିତ କରିଥାନ୍ତି।


ନୟାଗଡ଼ ଜିଲା ରଣପୁରରେ ସୋମବାର ରାତି ପ୍ରାୟ ୧୦ ଟାରେ ରଣପୁର ତହସିଲଦାର ଓ ଖଣିବିଭାଗ, ଚାନ୍ଦପୁର ପୋଲିସ କନ୍ଧ ନୟାଗଡ଼ରୁ ଚାନ୍ଦପୁର ଚାଲାଣ ହେଉଥିବା ଦୁଇଟି ମାଙ୍କଡା ପଥର ବୋଝେଇ ଗାଡିକୁ ଜବତ କରିଛନ୍ତି। (ଫଟୋ- ସୁକାନ୍ତ କିଶୋର ଡାକୁଆ)।

# ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ


କଳସ ଶୋଭାଯାତ୍ରା ।

ଖଣ୍ଡପଡା,୧୬।୩(ଅଜୟ କୁମାର ମହାରଣା)

କଣ୍ଟିଲୋ ଫକୀରଅତବୁଦ୍ଧି ପାଟଣା ଗ୍ରାମ ନିକଟ ମହନଦୀ ତଟ ତଥା ଅଲେଖ ମହିମା ଆଶ୍ରମ ସମ୍ମୁଖରେ ପ୍ରତିଷ୍ଠିତ ମାତ୍' ମଙ୍ଗଳା ଠାକୁରାଣୀଙ୍କ ୨ୟ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ସୋମାବର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଅଧିବାସ କର୍ମ ନିମନ୍ତେ ଶତାଧିକ ମହିଳା ମହାନଦୀ ଘାଟରୁ ଜଳ ସଂଗ୍ରହ କରି ଏକକଳସ ଶୋଭାଯାତ୍ରାରେ ନୀଳମାଧବ ମନ୍ଦିର ସହ ଗ୍ରାମ ପରିକ୍ରମା କରି ମା' ମଙ୍ଗଳାଙ୍କ ପ୍ରାଙ୍ଗଣରେ ସ୍ଥାପନ କରିଥିଲେ । ପରେ ପରେ ପୁରୋହିତ ପ୍ରଦୀପ କୁମାର କରଙ୍କ ଦ୍ୱାରା ବିଧି ମୁତାବକ ହୋମଯଜ୍ଞ ଓ ପୂଜାକର୍ମ ସମ୍ପାଦିତ ହୋଇଥିଲାମ୍। କର୍ତ୍ତା ଭାବେ ପଦ୍ମଲୋଚନ ଦଳାଇ ସପତ୍ନୀକ ହୋମ କାର୍ଯ୍ୟରେ ସହଯୋଗ କରିଥିଲେ । ଅପରାହ୍ନ ପ୍ରାୟ ୫.୩୦ରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା ।

# ଷୋଳଭାଗ ପେଣ୍ଠ କ୍ରିକେଟ ଟିମ୍ ଚାମ୍ପିୟନ

ପାତ୍ରପୁର, ୧୬।୩(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଗୁଣ୍ଡୁରା ଗ୍ରାମରେ ଗତ ୧୫ ଦିନ ଧରି ଚାଲିଥିବା ମା ଗ୍ରାମଦେବତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନରସିଂହପୁର ମହାଦେବ ଏକାଦଶ ଟିମ୍‌କୁ ପରାସ୍ତ କରି ଷୋଳଭାଗ ପେଣ୍ଠ ଟିମ୍ ଚାମ୍ପିୟନ ହୋଇଛ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ଟସ୍ ଜିତି ଷୋଳଭାଗପେଣ୍ଠ ଦଳ ୧୫ ଓଭରରେ ୬ ଉଇକେଟ ହରାଇ ୧୪୩ ରନ କରିଥିଲା। ପରେ ନରସିଂହପୁର ଦଳ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ହରାଇ ୧୧୬ ରନରେ ସୀମିତ ରହିଥିଲା। ଫଳରେ ଷୋଳଭାଗ ପେଣ୍ଠ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ଏ. ଅନିଲ ଓ ସୌମ୍ୟରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ବିଜୟ ଗୌଡ଼ ଧାରା ବିବରଣୀ ଦେଇଥିଲେ । ଉଦ୍‌ଯାପନୀ ଦିବସରେ ଏମ୍‌ପି ପ୍ରତିନିଧି ମୀନା ଦ୍ୟାନସାମନ୍ତରା ମୁଖ୍ୟ ଅତିଥି, ଏ. କେଶବ, ଜାଗିଲି ରଣା, ବିଜୟ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ହଜାର ହଜାର ଓ ପରାଜିତ ଦଳକୁ ଟ୍ରଫି ସହ ୧୨ହଜାର ଟଙ୍କା ପ୍ରଦାନ କରିଥିଲେ । ଅନ୍ତିମ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ମଙ୍ଗଳା ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଏ. ବାଲୁଙ୍କୁ ପୁରସ୍କୃତ କରା ଯାଇଥିଲା।

# ୧୩୭ରୁ ୪୯ ଅଭିଯୋଗର ହେଲା ଶୁଣାଣି


ଜିଲାପାଳ ମଧୁମିତା ରଥ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ନୟାଗଡ଼/ଦଶପଲ୍ଲା,୧୬।୩
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

### ଦଶପଲ୍ଲାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଜିଲାପାଳଙ୍କ ଶୁଣାଣି ଦଶପଲ୍ଲା ବ୍ଲକରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୭ ଅଭିଯୋଗରୁ ମାତ୍ର ୪୯ ର ଶୁଣାଣି ହୋଇଛି। ଅବଶିଷ୍ଟ ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ସମାଧାନ ପାଇଁ ପଠାଇ ଦିଆଯାଇଛି। ଜିଲାପାଳ ମଧୁମିତା ରଥ ଅଭିଯୋଗ ଶୁଣାଣି କରିଥିଲେ। ଜିଲାପାଳଙ୍କୁ ଏସ୍‌ପି ଏସ୍.ସୁଶ୍ରୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ୍, ଅତିରିକ୍ତ ଜିଲାପାଳ ରୋଜିନା ଦାସ, ସିଡିଏମଓ ପୁଷ୍ପା ନୀଳିମା ଲାକ୍ରା, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟପକ୍ଷେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ୧୩୭ ଅଭିଯୋଗର ପଞ୍ଜୀକରଣ ହୋଇଥିବା ବେଳେ ୧୧୦ବ୍ୟକ୍ତିଗତ, ୨୨ ଗୋଷ୍ଠୀଗତ, ୫ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସଂକ୍ରାନ୍ତୀୟ ଥିଲା।

# ୩ ଫେରାର ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୬।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ସୋମବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସୁନାରି ସାହିର ପ୍ରଦୀପ ମହାନ୍ତି।ତାଙ୍କ ବିରୋଧରେ ଜି.ଆର. କେସ ନଂ. ୨୩୬/୨୩ ଅନୁଯାୟୀ ହତ୍ୟା ଉଦ୍ୟମ ମାମଲା ରହିଥିଲା। ସେ କୋର୍ଟରୁ ଜାମିନରେ ଆସିବା ପରେ ଅଉ କୋର୍ଟରେ ହାଜର ହୋଇ ନ ଥିଲେ। ଏଥିରେ କୋର୍ଟ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ପ୍ରଦୀପଙ୍କୁ ଗିରଫ ଲାଗି ୱାରେଣ୍ଟ ଜାରି କରିଥିଲେ। ସେହି ୱାରେଣ୍ଟ ବଳରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ରାଜପୁର ରୋଡ଼ର କାଠ ବ୍ୟବସାୟୀ ଶାନ୍ତନୁ ଶତପଥୀଙ୍କ ଆତ୍ମହତ୍ୟା ମାମଲାରେ ଅଭିଯୁକ୍ତ ଥିବା ଡି. ସୀମାଞ୍ଚଳ ଦୋରାଙ୍କୁ ପୋଲିସ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଛି। ଜି.ଆର କେସ ନଂ.୨୪୪/୨୧ ଅନୁଯାୟୀ ତାଙ୍କ ନାଁରେ କୋର୍ଟ ପକ୍ଷରୁ ଜାମିନ ବିହୀନ ୱାରେଣ୍ଟ ଜାରି ହୋଇଥିଲା। ରାଜପୁର ଗ୍ରାମର ସାଗର ସ୍ୱାଇଁଙ୍କୁ ମଧ୍ୟ ଏକ ଚୋରି ମାମଲା ଜି.ଆର କେସ ନଂ.୩୨/୨୨ରେ କୋର୍ଟ ୱାରେଣ୍ଟ ବଳରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି କିଶୋର ସାମଲ କହିଛନ୍ତି।

# ଉଞ୍ଜ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ ଉଦ୍‌ଯାପିତ



କବିସୂର୍ଯ୍ୟନଗର,୧୬।୩(କୃପାସିନ୍ଧୁ ସ୍ୱାଇଁ): ସ୍ଥାନୀୟ ତ୍ରିନାଥ ନଗରଠାରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସୋମବାର ଉଦଯାପିତ ହୋଇଛଯାଇଛି। ଉଦଯାପନରେ ମୁଖ୍ୟ ଅତିଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ମୃତ୍ୟୁଞ୍ଜୟ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପୁରୁଷୋତ୍ତମପୁର ତାରାତାରିଣୀ ବିଜ୍ଞାନ କଲେଜର ପଦାର୍ଥ ବିଜ୍ଞାନ ମୁଖ୍ୟ ଡ଼.ସୁବ୍ରତ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଏବିଇଓ ମାଧବ ଚନ୍ଦ୍ର ବେହେରା, ସିଆରସିସି ରବିନାରାୟଣ ବେହେରା ପ୍ରମୁଖ ମଞ୍ଚସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷା ନିର୍ଦ୍ଦେଶକ ରଞ୍ଜିତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରିନ୍ସିପାଲ ତଥା ସେକ୍ରେଟାରୀ ବିଦେଶୀ ଖଟେଇଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର, ସିଲ ପ୍ରଦାନ କରି ଉତ୍ସାହିତ କରିଥିଲେ ଅତିଥି। ସ୍କୁଲ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ।

# ଜିଲାପାଳ ଶୁଣିଲେ ୧୦୩ ଅଭିଯୋଗ

ପାରଳାଖେମୁଣ୍ଡି,୧୬।୩(ଗିରିଧାରୀ ପରିଛା)

ଗଜପତି ଜିଲା ଗୋଷାଣି ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ପକ୍ଷରୁ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇ ମୋଟ ୧୦୩ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୫୯ଟି ବ୍ୟକ୍ତିଗତ ଓ ୪୪ଟି ସାମୂହିକ ସମସ୍ୟା ସମ୍ପର୍କିତ ଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ଉପଜିଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜଣେ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ୫ଜଣଙ୍କୁ ନୂତନ ପେନସନ ଯୋଜନାରେ ସାମିଲ କରାଯାଇଥିବା ବେଳେ ୩୦ ଜଣଙ୍କୁ ଜମି ଉତ୍ତରାଧିକାରୀ ଜମିପଟ୍ଟା ପ୍ରଦାନ କରାଯାଇଛି।

# ଫାର୍ମାସୀ ସ୍ଥିତି ଅନୁଧ୍ୟାନ କଲେ ସମବାୟ ବିଭାଗ ଉପନିବନ୍ଧକ

ଆସିକା,୧୬।୩(ସୁରେନ୍ଦ୍ର ନାଥ ସାହୁ): ଆୟୁର୍ବେଦିକ ଔଷଧ ପ୍ରସ୍ତୁତି ଲାଗି ରହିଥିବା ରାଜ୍ୟର ଏକମାତ୍ର ସମବାୟ ଅନୁଷ୍ଠାନ ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀରେ ଦୀର୍ଘଦିନ ଧରି ପରିଚାଳନାଗତ ସ୍ଥାଣୁତା ଲାଗି ରହିଛି। ଏଠାରେ କାର୍ଯ୍ୟରତ ବହୁ କର୍ମଚାରୀ ୨ବର୍ଷ ହେଲା ଦରମା ନ ପାଇ ଗତ ୫ ତାରିଖ ଠାରୁ ଫାର୍ମାସୀ ପରିସରରେ ଧାରଣାରେ ବସିଛନ୍ତି। ସୋମବାର ସମବାୟ ବିଭାଗ ଉପନିବନ୍ଧକ ଯୋଗମାୟା ସାବତ ଏବଂ ସମବାୟ ବିଭାଗ ସହକାରୀ ନିବନ୍ଧକ ବିଜୟ କୁମାର ସାହୁ ଫାର୍ମାସୀ ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ। ସେମାନେ ଫାର୍ମାସୀ ପରିଚାଳନା ପରିଷଦର ସଭାପତି ଡାକ୍ତର ପ୍ରମୋଦ କୁମାର ପଣ୍ଡାଙ୍କ ସହ ଫାର୍ମାସୀ ପରିସ୍ଥିତି ଓ ଏହାକୁ ପୁନଃ ଚଳାଇବା ଲାଗି ଆଲୋଚନା କରିଥିଲେ । ତେବେ ସଭାପତି ପଣ୍ଡା ଏହାକୁ ଚଳାଇବାକୁ ହେଲେ କର୍ମଚାରୀମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ, କାରଖାନା ଚଳାଇବା ଲାଗି ଆବଶ୍ୟକୀୟ ପାଣ୍ଠି ଓ କର୍ମଚାରୀ ନିଯୁକ୍ତି ଏବଂ ଔଷଧ ପ୍ରସ୍ତୁତି ଲାଗି ଜଣେ ଡାକ୍ତରଙ୍କୁ ନିଯୁକ୍ତି ସହ ସରକାରୀ ମଞ୍ଜୁରୀ ଆବଶ୍ୟକ ବୋଲି ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି । ସୂଚନାଯୋଗ୍ୟ, ଏକଦା ଆୟୁର୍ବେଦିକ ଔଷଧ ପ୍ରସ୍ତୁତି ଲାଗି ସୁନାମ ରହିଥିବା ଏହି ଫାର୍ମାସୀର ରାଜ୍ୟ ତଥା ରାଜ୍ୟ ବାହାରେ ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗରେ ଶାଖା ଜରିଆରେ ଔଷଧ ବିକ୍ରିବଟା ଚାଲିଥିଲା। ତେବେ ଗତ ୨ବର୍ଷ ହେଲା ପରିଚାଳନା ପରିଷଦ ମଧ୍ୟରେ ଅଶାନ୍ତିରୁ ଏହା ଏକ ପ୍ରକାର ସ୍ଥାଣୁ ହୋଇଯାଇଛି ।

# ଆଉଟସୋର୍ସିଂ କର୍ମଚାରୀଙ୍କ ଅନଶନ


ରଣପୁର ମେଡିକାଲ ଆଗରେ କର୍ମଚାରୀମାନେ ଅନଶନରେ ବସିଛନ୍ତି।

ନୟାଗଡ଼/ରଣପୁର,୧୬।୩ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

### ଛଟେଇ ବନ୍ଦ, ସମାନ କାମକୁ ସମାନ ମଜୁରି ଦାବି

ନୟାଗଡ଼ ଜିଲାର ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ସିକ୍ୟୁରିଟ ଗାର୍ଡ, ସଫେଇ କର୍ମଚାରୀ ଓ ଆଟେଣ୍ଡାଣ୍ଟ ପ୍ରମୁଖ ଆଉଟ ସୋର୍ସିଂ କର୍ମଚାରୀ ସୋମବାରଠାରୁ ଅନଶନ କରିଛନ୍ତି । ସମାନ କାମକୁ ସମାନ ଦରମା ଓ ଛଟେଇ ବନ୍ଦ ଦାବିରେ ଅନଶନ ଚାଲୁ ରହିଛି । ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଆଉଟ ସୋର୍ସିଂ କର୍ମଚାରୀମାନେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରଙ୍କୁ ଅବଗତ କରାଇଛନ୍ତି ।

# ରାସ୍ତା ପାର୍ଶ୍ୱ ଖୋଳି ପାଇପଲାଇନ ବିଛାଇବାକୁ ନେଇ ଅସନ୍ତୋଷ

ଖଣ୍ଡପଡା,୧୬।୩
(ଅଜୟ କୁମାର ମହାରଣା)

ଭାପୁର ବ୍ଲକ୍ ପଥରଚକଡା ପଞ୍ଚାୟତ ପଥରଚକଡା ଗୋଡ଼ିସାହି(ଗଉଡ଼ସାହି)ର ରାସ୍ତା କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସମ୍ପନ୍ନ ହୋଇଥିଲା । ତେବେ ସିମେଣ୍ଟ କଂକ୍ରିଟ ରାସ୍ତାକୁ ଖୋଳି ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ୍‌ଲାଇନ ବିଛାଯାଇଛି। ଗତ ୩ ମାସରୁ ଊର୍ଦ୍ଧ୍ୱ ହେଲା ରାସ୍ତା ଖୋଳି କାମ କରୁଥିବା ଠିକା ସଂସ୍ଥା ସମତୁଲ କରିଦେବାକୁ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ରାସ୍ତାର ପୁନରୁଦ୍ଧାର ଦିଗରେ ଆଦୌ ଧ୍ୟାନ ଦେଉନାହିଁ । ବାରମ୍ବାର ଅଞ୍ଚଳବାସୀ ଏନେଇ ଅଭିଯୋଗକରି ଆସୁଥିଲେ ମଧ୍ୟ ଠିକାସଂସ୍ଥା ଏ ଦିଗରେ କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀଙ୍କ ସମେତ


ନଷ୍ଟ ହୋଇଯାଇଥିବା ରାସ୍ତା ।

ସମିତି ସଭ୍ୟ ଦେବାର୍ଚ୍ଚନ ଡାଲୁଆଙ୍କଠାରୁ ପ୍ରକାଶ । ରାସ୍ତା ପାର୍ଶ୍ୱ ପିଚୁ ଖୋଳତାଡ କରି ପାଇପ୍‌ଲାଇନ ପକାଯିବା ପରେ ଉପର ଅଂଶକୁ ସିମେଣ୍ଟ କଂକ୍ରିଟ କରାଯାଉ ନ ଥିବା ବେଳେ ପ୍ରତ୍ୟହ ଉକ୍ତ ସାହି ରାସ୍ତା ଦେଇ ଶତାଧିକ ଅଞ୍ଚଳବାସୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ର ଯାତାୟାତ କରୁଥିବା ବେଳେ ବିଭିନ୍ନ ସମୟରେ ଅନେକ ଉକ୍ତ ସମତୁଲ ହୋଇ ନ ଥିବା ରାସ୍ତାରେ ପଡି କ୍ଷତାକ୍ତ ହେଉଥିବା ଅଭିଯୋଗ ହେଉଛି । ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥା ମନଇଚ୍ଛା ରାସ୍ତା ପାର୍ଶ୍ୱକୁ ଖୋଳି ପାଇପଲାଇନ ପକାଉଥିବାରୁ ରାସ୍ତା ନଷ୍ଟହେବା ସହ ଯାନବାହନ ଚଳାଚଳରେ ଏବଂ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

